# ବର୍ଷା ଆଣିଲା ଆଶ୍ୱସ୍ତି







ଭୁବନେଶ୍ୱର, ୧୯।୩
(ବନ୍ଦନା ସେଠୀ)

ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳ ଦେଇ ଏକ ଟ୍ରଫ୍ ଲାଇନ୍ ସୃଷ୍ଟି ହେବା କାରଣରୁ ଏହାର ପ୍ରଭାବରେ ମଙ୍ଗଳବାର ଭୁବନେଶ୍ୱରରେ ଘଡ଼ଘଡ଼ି ସହିତ ଜୋର୍‌ରେ ବର୍ଷା ହୋଇଛି। ୭.୧ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ରେକର୍ଡ କରାଯାଇଛି। ସୋମବାର ରାତିରେ ଜୋର୍‌ରେ ପବନ ହେବା ସହ ମଙ୍ଗଳବାର ସକାଳୁ ପାଗ ମେଘୁଆ ଥିଲା। ତେବେ ଅପରାହ୍ନ ପ୍ରାୟ ୧ଟା ବେଳକୁ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ବର୍ଷା ହୋଇଥିଲା। ଫଳରେ ସହରବାସୀଙ୍କୁ ତାତିରୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି। କେହି ଛତା ଧରି ବର୍ଷାରେ ଭିଜି ଆନନ୍ଦ ନେଇଥିଲେ ତ ଆଉ କିଏ ବର୍ଷାରୁ ରକ୍ଷା ପାଇବା ପାଇଁ ମୁଣ୍ଡରେ ଜରି, ପଲିଥିନ୍ ବାନ୍ଧି ଯାଉଥିବା ଦେଖିବାକୁ ମିଳିଥିଲା। ସେହିପରି ଓଭରବ୍ରିଜ୍ ତଳେ, ମୋ ବସ୍ ଷ୍ଟପ୍‌ଗୁଡିକରେ ମଧ୍ୟ ଲୋକେ ଆଶ୍ରୟ ନେଇଥିଲେ। ଦିନତମାମ ପାଗ ମେଘୁଆ ଥିବାବେଳେ ଝିପିଝିପି ବର୍ଷା

## କଳବଳ କଲା ଟ୍ରାଫିକ୍ ଯନ୍ତ୍ରଣା

ସାଙ୍ଗକୁ ବିଜୁଳି ଓ ଘଡ଼ଘଡ଼ି ମାରିଥିଲା। ତେବେ ବର୍ଷା ପାଇଁ କେତେକ ସ୍ଥାନରେ କିଛି ସମୟ ଧରି ଟ୍ରାଫିକ ଜାମ୍ ହୋଇଯିବାରୁ ଲୋକେ କଳବଳ ହୋଇଥିଲେ। ବିଶେଷ କରି ଜାତୀୟ ରାଜପଥ (ଏନ୍‌ଏଚ୍)ରେ ଏଭଳି ସ୍ଥିତି ଉପୁଜିଥିଲା। ବର୍ଷା ବେଳେ ଯିଏ ଯେଉଁଠି ଆଶ୍ରୟ ନେଇଥିଲେ। ବର୍ଷା ଛାଡିବା ପରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ବ୍ୟଗ୍ରତା ଦେଖାଦେଇଥିଲା। ଫଳରେ ଟ୍ରାଫିକ ଜାମ୍ ହୋଇପଡ଼ିଥିଲା। ହଂସପାଳ ଛକରେ ଫ୍ଲାଏଓଭର୍ ବ୍ରିଜ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଜାତୀୟ ରାଜପଥ ଲାଗି ଏବେ ସହରରେ ଟ୍ରାଫିକ ସମସ୍ୟା ନଜରକୁ ଆସୁଛି। କେଉଁଠି ଫୁଟ ଓଭରବ୍ରିଜ କାମ ଚାଲୁଛି ତ କେଉଁଠି ଅଣ୍ଡରପାସ ନିର୍ମାଣ, ପୁଣି ଆଉ କେଉଁଠରେ ଓଭରବ୍ରିଜ ଲାଗି ସର୍ଭିସ ରୋଡରେ ଲୋକଙ୍କୁ ଯାତାୟତ କରିବାକୁ ପଡୁଛି। ସଙ୍କୁଚିତ ରାସ୍ତା ଲାଗି ଗାଡ଼ିମୋଟର ଯାତାୟତ ଏକ ପ୍ରକାର ଠପ୍ ହୋଇପଡ଼ିଛି। ଏଭଳି ସ୍ଥିତିରେ କାଳବୈଶାଖୀ ବର୍ଷା ସାଙ୍ଗକୁ ଜାତୀୟ ରାଜପଥ ଲାଗି କଟକ-ପୁରୀ ଓ ପୁରୀ କଟକ ମୁଖ୍ୟ ରାସ୍ତାରେ ଲୋକଙ୍କୁ ଟ୍ରାଫିକ ଯନ୍ତ୍ରଣା ଭୋଗିବାକୁ ପଡ଼ିଥିଲା। ପୁରୀରୁ କଟକ ଅଭିମୁଖେ ଯାଉଥିବା ଯାନଗୁଡ଼ିକ ବମିଖାଲ ଛକଠାରୁ ପଛକୁ ପଛ ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା।

# ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

କଟକ, ୧୯।୩
(କାର୍ତ୍ତିକ ସାହୁ)

**ପୁରୀ ବଳିଆପଣ୍ଡା ଭୂତଳ ଜଳ ପ୍ରଦୂଷଣ ମାମଲା**

ପୁରୀ ବଳିଆପଣ୍ଡା ଅଞ୍ଚଳରେ ଭୂତଳ ଜଳ ପ୍ରଦୂଷଣ ମାମଲାର ଶୁଣାଣି କରି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପୁରୀ ପୌରପାଳିକାଠାରୁ ଜବାବ ତଲବ କରିଛନ୍ତି। ବଳିଆପଣ୍ଡା ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କ ସମସ୍ୟାର ସମାଧାନ ନିମନ୍ତେ ଜରୁରୀକାଳୀନ ଭିତ୍ତିରେ କ'ଣ ପଦକ୍ଷେପ ନିଆଯାଇଛି ଜଣାଇବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ବଳିଆପଣ୍ଡାଠାରେ ଏକ ବଡ଼ ଡମ୍ପିଂୟାର୍ଡ ରହିଛି। ପୁରୀ ସହରର ବିଭିନ୍ନ ସ୍ଥାନରୁ ଆସୁଥିବା ଆବର୍ଜନାକୁ ଏଠାରେ ପକାଇ ରଖାଯାଉଛି। ଆବର୍ଜନାଗୁଡ଼ିକୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ନିଆ ନ ଯାଇ ସେହିଠାରେ ହିଁ ପୋଡ଼ି ଦିଆଯାଉଛି। ଏହାଦ୍ୱାରା ଜଳ ଓ ବାୟୁ ପ୍ରଦୂଷିତ ହେଉଛି। ଏଠାରେ ବାସ କରୁଥିବା ୪୦୦୦ରୁ ଅଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଲାଗି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା ନାହିଁ। ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ନ ହେବା ଓ ଆବଶ୍ୟକ ଡ୍ରେନେଜ ବ୍ୟବସ୍ଥା ନ ରହିବା କାରଣରୁ ସମ୍ପୃକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏସବୁ ସମସ୍ୟାକୁ ନେଇ ପୁରୀର ସାମାଜିକ କର୍ମୀ ଚିନ୍ମୟ ଦାସ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟି ଏହି ମାମଲାର ଶୁଣାଣି କରି ଉକ୍ତ ଡମ୍ପିଂୟାର୍ଡ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯିବା ଓ ୨୦୨୪ ଶେଷ ସୁଦ୍ଧା ଡମ୍ପିଂୟାର୍ଡ ଖାଲି କରିବାକୁ ପୁରୀ ପୌରପାଳିକା ଏବଂ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମ୍ପୃକ୍ତ ଅଞ୍ଚଳରେ ଭୂତଳ ଜଳର ମାନ ପରୀକ୍ଷା ଲାଗି ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଥିଲା। କେନ୍ଦ୍ରୀୟ ଟିମ୍ ବଳିଆପଣ୍ଡା ଅଞ୍ଚଳର ୨୯ଟି ସ୍ଥାନରୁ ଭୂତଳ ଜଳ ନମୁନା ପରୀକ୍ଷା ପାଇଁ ନେଇଥିଲେ। ନମୁନାଗୁଡ଼ିକର ପରୀକ୍ଷଣ ପରେ ଏହା ପାନୀୟ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଜଣାପଡ଼ିଥିଲା। ଜିଲା ପ୍ରଶାସନ ଓ ପୁରୀ ପୌରପାଳିକା ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଅଫ୍‌ରାଜ ସୁହେଇଲ ମାମଲା ପରିଚାଳନା କରୁଛନ୍ତି।

# ଅପରାଜିତାଙ୍କ କାର୍ଯ୍ୟକ୍ରମକୁ ବିରୋଧ



କାର୍ ଉପରେ ଜଣେ ଯୁବକ ଚଢ଼ି ହୋହଲ୍ଲା କରୁଛନ୍ତି।

ଭୁବନେଶ୍ୱର, ୧୯।୩
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୪ ଅଞ୍ଚଳରେ ମଙ୍ଗଳବାର ରାତିରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଫଟୋଗ୍ରାଫର ଗାଡ଼ିର ଡ୍ରାଇଭରଙ୍କୁ କେତେଜଣ ଅସମାଜିକ ଯୁବକ ଆକ୍ରମଣ ଓ ଗାଳିଗୁଲଜ କରିଛନ୍ତି। ଯୁବକଙ୍କ ଆକ୍ରମଣରେ ଡ୍ରାଇଭର ଆହତ ହୋଇଛନ୍ତି। ତେବେ ସମ୍ପୃକ୍ତ ଯୁବକମାନେ କିଏ ଏବଂ କାହିଁକି ଏଭଳି କଲେ ତାହାର କାରଣ ଜଣାପଡିନାହିଁ। ଏନେଇ ଅପରାଜିତା କୌଣସି ଲିଖିତ ଅଭିଯୋଗ କରି ନ ଥିଲେ ମଧ୍ୟ ଥାନା

## ଫଟୋଗ୍ରାଫର ଗାଡ଼ିର ଚାଳକଙ୍କୁ ଆକ୍ରମଣ

ଅଧିକାରୀଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଅବଗତ କରାଇଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଅଭିଯୋଗ ଅନୁଯାୟୀ, ୟୁନିଟ-୪ ଅଞ୍ଚଳରେ ବର-ଓସ୍ତ ଗଛର ମିଳନ କାର୍ଯ୍ୟକ୍ରମକୁ ଏମ୍‌ପି ଅପରାଜିତା ରାତି ପ୍ରାୟ ୮ଟାରେ ଯୋଗଦେବାକୁ ଯାଇଥିଲେ। ତାଙ୍କ ସହିତ ଏକ ଫଟୋଗ୍ରାଫର ଗାଡ଼ି ମଧ୍ୟ ଯାଇଥିଲା । ଉକ୍ତ ଗାଡିଟି ଛିଡ଼ା ହୋଇଥିବାବେଳେ କେତେଜଣ ଅସମାଜିକ ଯୁବକ ହଠାତ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟକ୍ରମକୁ ବିରୋଧ କରିବା ସହ ଗାଡ଼ି ବନେଟ ଉପରେ ଚଢି ହୋହଲ୍ଲା କରିଥିଲେ। ଏନେଇ ଉକ୍ତ ଗାଡ଼ିର ଡ୍ରାଇଭର ବିରୋଧ କରିବାରୁ ସମ୍ପୃକ୍ତ ଯୁବକମାନେ ଚାଳକଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଅପରାଜିତାଙ୍କ ସମର୍ଥକମାନେ ପାଟି କରିବା ସହ ପୋଲିସ ଆସୁଥିବା କହିବାରୁ ସମ୍ପୃକ୍ତ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ଶାନ୍ତିସ୍ୱରୂପ ଭଟ୍ଟନାଗର ଇନ୍‌ଡୋର ଫାଇନାଲ ଟୁର୍ନାମେଣ୍ଟ ଉଦଯାପିତ

ଭୁବନେଶ୍ୱର, ୧୯।୩
(ଅସମାପିକା ସାହୁ)

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ୫୧ତମ ଶାନ୍ତିସ୍ୱରୂପ ଭଟ୍ଟନାଗର ଇନ୍‌ଡୋର ଫାଇନାଲ ଟୁର୍ନାମେଣ୍ଟ-୨୦୨୪ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଏସ୍‌ଆଇଆର୍‌ର ଆଡମିନ୍ ଯୁଗ୍ମ ସଚିବ ମହେନ୍ଦ୍ର କୁମାର ଗୁପ୍ତା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ, ବିଏସ୍‌ଏନ୍‌ଏଲ୍‌ର ମୁଖ୍ୟ ଯନ୍ତ୍ରୀ ଜି. ଯାଦବ, ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ସଙ୍ଗଠନ ସମ୍ପାଦକ ଡ. ବଙ୍କିମ୍ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ନୂଆଦିଲ୍ଲୀସ୍ଥିତ ସିଏସ୍‌ଆଇଆର୍-କ୍ରୀଡ଼ା ପ୍ରୋତ୍ସାହନ ବୋର୍ଡର ପୃଷ୍ଠପୋଷକତାରେ ଦେଶର ସମସ୍ତ ସିଏସ୍‌ଆଇଆର୍ ଲାବୋରେଟରି ଭାଗ ନେଇଥିଲେ। ଜାତୀୟ ଚାମ୍ପିୟନଶିପ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨୦୦ରୁ ଅଧିକ ପ୍ରତିଯୋଗୀ ବ୍ରିଜ୍, ଚେସ୍, ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନ ଏବଂ କ୍ୟାରମ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମଥର ପାଇଁ ଟୁର୍ନାମେଣ୍ଟରେ ୬୦ରୁ ଊର୍ଦ୍ଧ୍ୱ ମହିଳା ଭାଗନେଇଥିଲେ। ଓଡ଼ିଶା ଚେସ୍ ଆସୋସିଏଶନ୍, ବ୍ରିଜ୍ ଆସୋସିଏଶନ୍, ଷ୍ଟେଟ୍ କ୍ୟାରମ୍ ଆସୋସିଏଶନ୍, ଷ୍ଟେଟ୍ ବ୍ୟାଡମିଣ୍ଟନ୍ ଆସୋସିଏଶନ୍, ଷ୍ଟେଟ୍ ଟେବୁଲ୍ ଟେନିସ୍ ଆସୋସିଏଶନ୍‌ର କର୍ମକର୍ତ୍ତା ଏବଂ ବିଭିନ୍ନ ସଂଘର କ୍ରୀଡ଼ା ଅଧିକାରୀ ଉପସ୍ଥିତ ଥିଲେ।

# ଓଡିଏମ୍‌ର ୩୫ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୧୯।୩

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱର ପଟିଆ ନିକଟସ୍ଥ ଶିଶୁବିହାର ଓଡିଏମ୍ ପବ୍ଲିକ୍ ସ୍କୁଲର ୩୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଜ୍ଞା ମିଶନର ବିଶିଷ୍ଟ ଆଧାତ୍ମିକ ଗୁରୁ ତଥା ପ୍ରବଚକ ସ୍ୱାମୀ ସମର୍ପଣାନନ୍ଦ ଗିରି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର (ଡ.) ବି.କେ.ଶର୍ମା ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱାମୀ ସମର୍ପଣାନନ୍ଦ ଗିରି ଓଡିଏମ୍ ଦୀର୍ଘ ୩୫ ବର୍ଷ ଧରି ଗୁଣାତ୍ମକ ଶିକ୍ଷା ସହ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ସଫଳତା ଲାଭ କରିଥିବାରୁ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀମାନଙ୍କ ତ୍ୟାଗ ଓ ନିଷ୍ଠାକୁ ସାଧୁବାଦ ଜଣାଇବା ସହ ସଦାସର୍ବଦା କ୍ରିୟାଯୋଗ ମାଧ୍ୟମରେ ଈଶ୍ୱରଙ୍କୁ ପ୍ରାପ୍ତ କରିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଫେସର ଶର୍ମା ବିଦ୍ୟାଳୟର ବହୁମୁଖୀ ସଫଳତାକୁ ପ୍ରଶଂସା କରିବା ସହ ଆତ୍ମବିଶ୍ୱାସ ଓ ନିରନ୍ତର ଚେଷ୍ଟା ଜାରି ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ। ସେହିଭଳି ପ୍ରତିଷ୍ଠା ଦିବସ ଅବସରରେ ଦୀର୍ଘ ଏକ ସପ୍ତାହବ୍ୟାପୀ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା-ବୃଦ୍ଧାଶ୍ରମ ପରିଭ୍ରମଣ, ମା'-ପିଲାମାନଙ୍କ ମଧ୍ୟରେ ପ୍ରତିଭା ପ୍ରଦର୍ଶନ, ଦେଶୀ ଖାଦ୍ୟ ପ୍ରଭୃତି ପ୍ରସ୍ତୁତ କରିବାର ବିଭିନ୍ନ କାର୍ଯ୍ୟକ୍ରମରେ ସଫଳତା ଲାଭ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

ଅପରପକ୍ଷରେ ବିଦ୍ୟାଳୟର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର (ଡ.) ପି.କେ.ଦାସ, ପ୍ରଫେସର ଜ୍ୟୋତ୍ସ୍ନା ମହାପାତ୍ର, ଖଲ୍ଲିକୋଟ୍ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପ କୁଳପତି ପ୍ରଫେସର (ଡ.) ପି.କେ.ମହାନ୍ତି, ମୁଖ୍ୟ ପରିଚାଳନା ଅଧିକାରିଣୀ ଶିଖା ଚନ୍ଦ୍ରା, ଶିକ୍ଷା ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ନାଟ ମଣ୍ଡପର ୯୦% କାର୍ଯ୍ୟ ଶେଷ

ପୁରୀ, ୧୯।୩ (ଅଜିତ୍ ମହାନ୍ତି)



ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଏସ୍‌ଆଇ ପକ୍ଷରୁ କରାଯାଉଥିବା ଶ୍ରୀମନ୍ଦିର ନାଟମଣ୍ଡପରେ ଥିବା ବିମ୍‌ର ମରାମତି କାମ ଶେଷ ହୋଇଛି। ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟ ସରିବା ପାଇଁ କୋର୍ଟଙ୍କ ପକ୍ଷରୁ ଡେଡ୍ ଲାଇନ୍ ଜାରି ହୋଇଥିଲା। ତେବେ ବିମ୍ କାର୍ଯ୍ୟ ସମାପନ ହୋଇଛି। ପ୍ରାୟ ୯୦ ଶତକଡ଼ା କାର୍ଯ୍ୟ ଶେଷ ହୋଇଛି। ବାକି ଥିବା ଆଉ ୧୦% କାର୍ଯ୍ୟ ରଥଯାତ୍ରା ସମୟରେ କରାଯିବ ବୋଲି ଏଏସ୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏଏସ୍‌ଆଇ ପକ୍ଷରୁ କରାଯାଇଥିବା କାର୍ଯ୍ୟ ପରେ ଏବେ ଆଉ ଭକ୍ତଙ୍କ ପାଇଁ କୌଣସି ଅସୁବିଧା ନାହିଁ ବୋଲି ପ୍ରତ୍ନତତ୍ତ୍ୱ ବିଭାଗର ଓଡ଼ିଶା ପ୍ରମୁଖ ଡି. ବି, ଗଡ଼ନାୟକ କହିଛନ୍ତି। ଗରୁଡ଼ ସ୍ତମ୍ଭର ଉପର ଭାଗରେ ଥିବା ବିମ୍‌ରେ ଫାଟର ମରାମତି କରାଯାଇଛି। ସେହିପରି ପୂର୍ବ, ଉତ୍ତରପୂର୍ବ ଏବଂ ଦକ୍ଷିଣ ପଟେ ଅବସ୍ଥିତ ବିମ୍‌ରେ ଚାରୋଟି ଷ୍ଟିଲ ବିମ୍ ସ୍ଥାପନ କରାଯାଇଛି ବୋଲି ଗଡ଼ନାୟକ କହିଛନ୍ତି।

ସୂଚନାଯୋଗ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନଭେମ୍ବର ୧୬ ତାରିଖରୁ ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ମହାପ୍ରଭୁଙ୍କ ନୀତିକ୍ରାନ୍ତି ଓ ଭକ୍ତ ପ୍ରବଳ ଗହଳି କାରଣରୁ କାର୍ଯ୍ୟରେ ଅହେତୁକ ବିଳମ୍ବ ହୋଇଥିଲା। ତେଣୁ ପରବର୍ତ୍ତୀ ସମୟରେ ଛତିଶା ନିଯୋଗ ବୈଠକ ବସି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ଓ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକରେ ଅନୁମତି ପରେ ଫେବୃଆରୀ ୨୩ ତାରିଖରୁ ଏଏସ୍‌ଆଇ ପକ୍ଷରୁ ଶ୍ରୀ ମନ୍ଦିର ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୧୨୦ଦିନ ମଧ୍ୟରେ କାର୍ଯ୍ୟ ସାରିବାକୁ ଥିବାରୁ ମାର୍ଚ୍ଚ ୧୯ସୁଦ୍ଧା ନାଟ ମଣ୍ଡପର ମରାମତି କାର୍ଯ୍ୟ ସାରିବାକୁ ଏଏସ୍‌ଆଇ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ଏଏସ୍‌ଆଇ ପକ୍ଷରୁ ଅପରାହ୍ନ ଗୋଟାଏରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କରାଯାଇଥିଲା।

# ବିଏମ୍‌ସି ନିୟମ ମାନୁନାହାନ୍ତି କବାଡ଼ିଆ

ଭୁବନେଶ୍ୱର, ୧୯।୩
(ବନ୍ଦନା ସେଠୀ)

କବାଡ଼ିଆଙ୍କ କବ୍‌ଜାରେ ଭୁବନେଶ୍ୱର ମହାନଗର ନିଗମର ଅଧିକାଂଶ ଅଞ୍ଚଳ। ଦିନକୁ ଦିନ ସେମାନଙ୍କର ପ୍ରାଦୁର୍ଭାବ ବଢି ଚାଲିଥିବାବେଳେ ବିଏମ୍‌ସିର ତାଗିଦାକୁ ମଧ୍ୟ ଖାତିର କରୁନାହାନ୍ତି। ପୂର୍ବରୁ ଏନେଇ ବିଏମ୍‌ସି ଏବଂ କବାଡ଼ିଆବାଲାଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କେହି କିଛି ଶୁଣୁନାହାନ୍ତି। ଅପରପକ୍ଷେ ବିଏମ୍‌ସି

## ରାସ୍ତାକଡ଼ରେ ଗଦାଉଛନ୍ତି ଆବର୍ଜନା

କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ କବାଡ଼ିଆମାନେ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ କରୁଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ମାଷ୍ଟରକ୍ୟାଣ୍ଟିନଠାରୁ ଦୃଷ୍ଟିହୀନ ସଂଘ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଦୈନିକ ଅଳିଆ ଆବର୍ଜନା ପଡ଼ିରହୁଛି। ଫଳରେ ସମ୍ପୃକ୍ତ ଅଞ୍ଚଳ ଦେଇ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏହାକୁ ନେଇ ଜନଅସନ୍ତୋଷ ଦେଖା



ରାସ୍ତା ପାର୍ଶ୍ୱରେ ଅଳିଆ ପଡ଼ିରହିଛି।

ଦେବା ସହ ଲୋକେ ଟୁଇଟ୍ କରି ବିଏମ୍‌ସିକୁ ଅଭିଯୋଗ ଜଣାଉଛନ୍ତି। ସେହିପରି ଏକାଧିକ ଅଭିଯୋଗ ପରେ ବିଏମ୍‌ସି ସେଠାରେ ସଫେଇ କରୁଛି, ମାତ୍ର କିଛି ସମୟ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। କବାଡ଼ିଆମାନେ ନିଜ ଆଖପାଖ ୫ ମିଟର ପରିଧି ଅଞ୍ଚଳ ସଫା ରଖିବା ସହ ଦୋକାନରେ ୨ଟି ଡଷ୍ଟବିନ ରଖିବାକୁ ବାଧ୍ୟ ବୋଲି ପୂର୍ବରୁ ହୋଇଥିବା ଆଲୋଚନାରେ ସ୍ପଷ୍ଟ କରାଯାଇଥିଲା। ସେହିପରି ଓଦା ଓ ଶୁଖିଲା ବର୍ଜ୍ୟ ଅଲଗା ଦେବା ଲାଗି ସେମାନଙ୍କୁ ତାଗିଦା କରାଯାଇଥିଲା। ସେମାନେ ନିଜ ଅଭ୍ୟାସ ନ ବଦଳାଇଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ତେବେ ଇତିମଧ୍ୟରେ ୬ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ସେମାନଙ୍କ ଆଚରଣରେ କୌଣସି ପରିବର୍ତ୍ତନ ଘଟିନାହିଁ କିମ୍ବା ବିଏମ୍‌ସି ପକ୍ଷରୁ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ସୂଚନାଯୋଗ୍ୟ, ୟୁନିଟ-୩ ଅଞ୍ଚଳରେ ରାସ୍ତାକଡ଼ରେ ଥିବା କବାଡ଼ିଖାନା ଲାଗି ଉକ୍ତ ଅଞ୍ଚଳ ଅପରିଷ୍କାର ରହୁଛି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ଆସିବା ସହ କର୍ପୋରେଶନ ବୈଠକରେ ମଧ୍ୟ ସରଗରମ ଆଲୋଚନା ହୋଇଥିଲା। ଏହାପରେ ବିଏମ୍‌ସି ଘଟଣାକୁ ଗୁରୁତ୍ୱର ସହ ନେଇ ଗତବର୍ଷ ଅଗଷ୍ଟରେ ସେମାନଙ୍କ ସହ ଆଲୋଚନା କରିଥିଲା। ତେବେ ସ୍ଥିତିରେ କୌଣସି ସୁଧାର ଆସୁ ନ ଥିବାରୁ ସହରର ଅନ୍ୟ ଅଞ୍ଚଳରେ ପରିମଳକୁ ନେଇ ଯେପରି କଡା କାର୍ଯ୍ୟାନୁଷ୍ଠାନ କରାଯାଉଛି ଏଠାରେ ମଧ୍ୟ ସେଭଳି ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ସବୁଠି ମହକୁଛି ପଖାଳର ବାସ୍ନା

**ପୁରୀ,୧୯।୩( ଅଜିତ୍ ମହାନ୍ତି)**



ଓଡ଼ିଆ ସଂସ୍କୃତି, ଜୀବନୀ, ଆତ୍ମୀୟତାର ପରିଚୟ ହେଉଛି ପଖାଳ। ଓଡ଼ିଶା, ଓଡ଼ିଆ ଏବଂ ପଖାଳ ପରସ୍ପରର ସମ୍ପର୍କ ଅତି ନିବିଡ଼। ଗରିବ ହୁଅନ୍ତୁ କି ଧନୀ, ପ୍ରତ୍ୟେକ ଓଡ଼ିଆ ପଖାଳର ସ୍ୱାଦକୁ ଉପଭୋଗ କରିଥାନ୍ତି। ଓଡ଼ିଆ ଜନଜୀବନ ସହ ପଖାଳର ସମ୍ପର୍କ ବହୁ ପୁରୁଣା। ଗାଁରୁ ସହର ପର୍ଯ୍ୟନ୍ତ ପ୍ରତି ଘରେ ଲୋକଙ୍କ ଜୀବନ ଶୈଳୀରେ ପଖାଳ ଏକ ନିତିଦିନିଆ ଖାଦ୍ୟ। ତେଣୁ ପଖାଳ ଗଣ୍ଡିଏ ପେଟରେ ପଡିଗଲେ ମନରେ ପରମ ଆନନ୍ଦ ଓ ଶାନ୍ତି ଅନୁଭବ ହୁଏ । ଓଡ଼ିଆଙ୍କ ସହ ପଖାଳ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଓଡ଼ିଆ ଜାତିର ମଉଡ଼ମଣି ଜଗତର ନାଥ ଶ୍ରୀଜଗନ୍ନାଥ ମଧ୍ୟ ପଖାଳ ପ୍ରେମୀ। ତେଣୁ ମହାପ୍ରଭୁଙ୍କ ନିକଟରେ ପଖାଳ ଭୋଗ କରାଯାଇଥାଏ। ଦିନେ ଗରିବଙ୍କ ପରିଚୟ ଥିବା ପଖାଳ ଏବେ ଧନୀଙ୍କ ଠାରୁ ଆରମ୍ଭ କରି ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପଖାଳ ଏବେ ଗାଁ ଗହଳି ଆରମ୍ଭ କରି ବଡ ବଡ ସହରର ହୋଟେଲରେ ପରଷା ଯାଉଛି। ବିଶେଷ କରି ଗରମ ଦିନେ ପଖାଳ ଖାଇବାର ମଜା ନିଆରା। ତେଣୁ ଖରା ଦିନେ ଛୋଟ ହୋଟେଲଠୁ ପଞ୍ଚତାରକା ହୋଟେଲ ସବୁଠି ପଖାଳର ଚାହିଦା ବୃଦ୍ଧି ପାଇଥାଏ। ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଧୀରେ ଧୀରେ ଓଡ଼ିଆଙ୍କ ଖାଦ୍ୟ ଏବେ ବିଶ୍ୱ ଦରବାରରେ ପ୍ରମୁଖ ସ୍ଥାନ ନେବାରେ ଲାଗିଛି । କାରଣ ବିଶ୍ୱର ଯେ କୌଣସି ସ୍ଥାନରେ ଓଡ଼ିଆ ଥାଆନ୍ତୁ ନା କାହିଁକି ପଖାଳ ପ୍ରତି ସେମାନଙ୍କର ଆକର୍ଷଣ ରହିଥାଏ। ଲୋକେ ଆଳୁଭଜାଠାରୁ ଆରମ୍ଭ କରି ଶାଗ, ବଡିଚୂରା, ମାଛଭଜା ପ୍ରଭୃତି ସହ ପଖାଳ ଖାଇବାକୁ ପସନ୍ଦ କରିଥାନ୍ତି। ଆଧୁନିକ ସଭ୍ୟତା ବଶବର୍ତ୍ତୀ ହୋଇ ପାଶ୍ଚାତ୍ୟ ଖାଦ୍ୟକୁ ଲୋକେ ପସନ୍ଦ କରୁଥିଲେ ମଧ୍ୟ ଗ୍ରୀଷ୍ମଦିନେ ପଖାଳ କଂସା ପ୍ରତି ଆକୃଷ୍ଟ ହେଉଛନ୍ତି। ଅନେକ ହେଟେଲ ସମେତ ବିଭିନ୍ନ ସଙ୍ଗଠନ ତରଫରୁ ପଖାଳ ଦିବସ ପାଳନ କରାଯାଉଛି। ପୁରୀ ବସ୍‌ଷ୍ଟାଣ୍ଡ ନିକଟରେ ହୋଟେଲ କରିଥିବା ଶୁଭଲକ୍ଷ୍ମୀ ହୋଟେଲ ମାଲିକ କହିଛନ୍ତି, ପୁରୀକୁ ଆସୁଥିବା ଅନେକ ପର୍ଯ୍ୟଟକ ଏଠାରେ ଖାଇଥାନ୍ତି। ତେବେ ଖରାଦିନେ ଗ୍ରାହକ ପଖାଳ ପସନ୍ଦ କରିଥାନ୍ତି। ଭାତ ରାନ୍ଧି ସେଥିରେ ପାଣି ମିଶାଯାଏ ଓ ପରେ ଦହି ପକାଯାଇ ଭୃଙ୍ଗୁଙ୍ଗାପତ୍ର, ଲଙ୍କା, ଫୁଟଣ ଆଦିରେ ଛୁଙ୍କ କରାଯାଇ ଉକ୍ତ ଭାତ କଂସାରେ ଦିଆଯାଏ। ପଖାଳ ସହ ବିଭିନ୍ନ ଭଜା, ପାମ୍ପଡ଼, ଖଟା, ବଡ଼ିଚୁରା ଆଦି ଦିଆଯାଏ। ୬୦ରୁ ୭୦ ଟଙ୍କା ପଖାଳ ବେଲା ରହିଥାଏ। ସେହିପରି ସିଟି ରୋଡରେ ଥିବା ଦୀପକ ପିୟର ଭେଜ୍ ରେଷ୍ଟୁରାଣ୍ଟ ଦୀପକ କୁମାର ପୃଷ୍ଟି କହିଛନ୍ତି, ଓଡ଼ିଆ ଓ ବଙ୍ଗାଳୀ ପର୍ଯ୍ୟଟକ ଖାଇବାକୁ ଆସିଥାନ୍ତି। ତେବେ ଅନେକ ସମୟରେ ବିଶେଷତଃ ଖରାଦିନେ ଲୋକେ ପଖାଳ ଖୋଜିଥାନ୍ତି। ତେଣୁ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଗତବର୍ଷ ପ୍ରଥମ କରି ଖରାଦିନେ ପଖାଳ କରିଥିଲୁ, ଯାହାକୁ ଖାଇ ପର୍ଯ୍ୟଟକ ଖୁସି ହୋଇଥିଲେ। ତେଣୁ ଚଳିତ ବର୍ଷ ମଧ୍ୟ ପଖାଳ ଲୋକଙ୍କ ପାଇଁ କରାଯିବ। ସମସ୍ତଙ୍କୁ ସୁହାଇଲା ପରି ବଜେଟ୍ ରହିବ। ଦହି ପଖାଳ ସହ ୫ ପ୍ରକାର ଆଇଟମ୍ ରହିବ ଯାହାର ମୂଲ୍ୟ ୧୦୦ ଟଙ୍କା ରଖାଯିବ। ସେହିପରି ମେଡିକାଲ ଛକ ନିକଟରେ ଥିବା ରାଜଲକ୍ଷ୍ମୀ ହୋଟେଲ ମାଲିକଙ୍କ କହିବା ଅନୁଯାୟୀ ଖରାଦିନେ ଦହି ପଖାଳ ଅଧିକ ଖୋଜାପଡ଼େ। ନିରାମିଷାଶୀଙ୍କ ପାଇଁ ଦହି ପଖାଳ ସହ ବିଭିନ୍ନ ପ୍ରକାର ଭଜା, ଆଳୁ ଭର୍ତ୍ତା, ଶାଗ, ପାମ୍ପଡ, ଆଳୁ କଲରା ଚିପସ୍ ଏବଂ ବଡ଼ିଚୁରା ରହିଥାଏ। ଯାହାର ମୂଲ୍ୟ ୭୦ରୁ ୮୦ ଟଙ୍କା। ସେହିପରି ଆମିଷାଶୀଙ୍କ ପାଇଁ ଦହିପଖାଳ ସହ ମାଛଭଜା, ଲୁଣି ମାଛ ଭଜା, ଆଳୁ ଭଜା, ବଡ଼ିଚୂରା, ପାମ୍ପଡ, ଆଚାର ଆଦି ରହିଥାଏ, ଯାହାର ମୂଲ୍ୟ ୧୦୦ରୁ ୧୨୦ ଟଙ୍କା ବୋଲି ସେ କହିଛନ୍ତି।



ଆଖଣ୍ଡଳମଣୀ ଯୋଗ ଶିବିରରେ ମଙ୍ଗଳବାର ସଦସ୍ୟାମାନେ ସମୂହ ଭାବରେ ପଖାଳ ଦିବସ ପାଳନ କରୁଛନ୍ତି ।

## ସଂକ୍ଷେପରେ

### ପିଲା ଚୋରି ଖବର ଗୁଜବ, ସଚେତନ କଲା ପୋଲିସ

**ସାକ୍ଷୀଗୋପାଳ,୧୯।୩ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)/ଅସ୍ତରଙ୍ଗ,(ମମତା ଜେନା):**

ଗତ କିଛି ଦିନ ହେବ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡ଼ିଆରେ ପୁରୀ ଜିଲାରେ ପିଲା ଚୋରି ଖବର ବହୁଳ ଭାବରେ ପ୍ରସାରିତ ହେଉଛି। ଏହି ଖବରରେ ସାଧାରଣ ଲୋକ ଭୟଭୀତ ଅଛନ୍ତି। ଏଥିପାଇଁ ମଙ୍ଗଳବାର ସନ୍ଧ୍ୟାରେ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସତ୍ୟବାଦୀ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ସତ୍ୟବାଦୀର ସମସ୍ତ ମୁଖ୍ୟ ଛକ ଜାଗା ଓ ଜନଗହଳି ସ୍ଥାନଗୁଡ଼ିକରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଇଛି। ଏହି ପିଲାଚୋରି ଘଟଣା ସମ୍ପୂର୍ଣ୍ଣ ଗୁଜବ। ଯଦି କେହି ଯଦି କେହି ଅଜଣା ବ୍ୟକ୍ତି କୌଣସି ଅଞ୍ଚଳରେ ବୁଲୁଛନ୍ତି କିମ୍ବା ତାଙ୍କର ଗତିବିଧିରେ ସନ୍ଦେହ ହୁଏ ତେବେ ତୁରନ୍ତ ଥାନାକୁ ଫୋନ ନଚେତ ଜରୁରୀ କାଳୀନ ନମ୍ବର ୧୧୨କୁ ଫୋନ କରି ଜଣାଇବାକୁ ବାର୍ତ୍ତା ଦିଆଯାଇଛି। ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଚାର କରାଯାଇଛି। ଏହି ସଚେତନତାରେ ସତ୍ୟବାଦୀ ଥାନା ପକ୍ଷରୁ ସବ୍ ଇନ୍ସପେକ୍ଟର ରମେଶ ଚନ୍ଦ୍ର ନିଶାନ୍ତ, ବିଭୀଷଣ ମାଝୀ ଓ ମହିଳା ଅଧିକାରୀ ପ୍ରିୟତମା ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସେହିପରି ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ପୁରୀ ଜିଲା ଆରକ୍ଷୀ ଅଧକ୍ଷ ପିନାକ ମିଶ୍ର ଏ ବାବଦରେ ଜରୁରୀ କାଳୀନ ସୂଚନା ଜାରି କରି ଲୋକଙ୍କୁ ସଚେତନ କରିଥିଲେ।

### ବନ ବିଦ୍ୟାଳୟର ଡକ୍ୟୁମେଣ୍ଟ ପାଇଁ ଅନୁଧ୍ୟାନ

**ସାକ୍ଷୀଗୋପାଳ,୧୯।୩ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):**

ସତ୍ୟବାଦୀ ବନ ବିଦ୍ୟାଳୟର ଉତ୍ତର ଶିକ୍ଷାନୁଷ୍ଠାନ ସତ୍ୟବାଦୀ ହାଇସ୍କୁଲ ହେରିଟେଜ ସ୍କୁଲ ଭାବେ ବିକଶିତ ହେବ। ଏଥିପାଇଁ ମୋ ସ୍କୁଲ ଅଭିଯାନ ପକ୍ଷରୁ ବିଦ୍ୟାଳୟ ସମ୍ପର୍କିତ ତଥ୍ୟକୁ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କଠାରୁ ଗ୍ରହଣ କରିଥିଲେ। ସୂଚନା ଅନୁଯାୟୀ, ଏହି ତଥ୍ୟକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପୁସ୍ତକ ତଥା ଡାକୁମେଣ୍ଟ ପ୍ରସ୍ତୁତ କରାଯିବ। ଯାହା ବନବିଦ୍ୟାଳୟ ଓ ସତ୍ୟବାଦୀ ହାଇସ୍କୁଲର ଦର୍ପଣ ଭଳି କାମ କରିବା ସହ ରିସର୍ଚ୍ଚ ଓ ଗବେଷଣା କରିବା ଦିଗରେ ବିଶେଷ ସହାୟକ ହେବ। ଏଥିପାଇଁ ହାଇସ୍କୁଲ ପରିସରରେ ଦ୍ୱିତୀୟ ଦିନରେ ମୋ ସ୍କୁଲ ଅଭିଯାନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୋଗାଯୋଗ ଅଧିକାରୀ ହିତାଂଶୁ ଶେଖର ମହାନ୍ତ ଓ ଫଟୋଗ୍ରାଫର ପ୍ରଫୁଲ୍ଲ ନାୟକ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ଭିଡିଓ ବାର୍ତ୍ତା ରେକର୍ଡ କରିଥିଲେ। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଆଲୁମ୍ନି ପ୍ରଣବ ମିଶ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ଅବସରପ୍ରାପ୍ତ ପୂର୍ବତନ ଶିକ୍ଷକ ବନମାଳୀ ବେହେରା, ସତ୍ୟବାଦୀ ଦାସ, ବିଜୟ ପରିଡ଼ା, ହରିବନ୍ଧୁ ପ୍ରଧାନ, ପ୍ରଭାତ ଚନ୍ଦ୍ର ରଥ, କୃଷ୍ଣଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରଫେସର ଅଭିମନ୍ୟୁ ବରାଳ, ବୁଦ୍ଧିଜୀବୀ ଭୀମସେନ ମହାପାତ୍ର ପ୍ରମୁଖଙ୍କ ନିକଟରୁ ଭିଡିଓ ମାଧ୍ୟମରେ ତଥ୍ୟ ସଂଗ୍ରହ କରିଥିଲେ।

# ବ୍ରହ୍ମଗିରି, ସତ୍ୟବାଦୀ ନିର୍ବାଚନମଣ୍ଡଳୀ ନେତାଙ୍କୁ ନେଇ ବୈଠକ

**ଯୋଗଦେଲେ ସଞ୍ଜୟ, ଉମାକାନ୍ତ, ଅରୂପ**

**ପୁରୀ,୧୯।୩(ଅଜିତ୍ ମହାନ୍ତି):**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖ ଭବନରେ ସୋମବାର ପୁରୀ ସଂସଦୀୟ ବିଜେଡି ନେତାଙ୍କ ସହ ଆଲୋଚନା କରିଥିଲେ। ଏହାର ଦିନକ ପରେ ପୁରୀ ବିଜେଡିର ଏକ ଗୁପ୍ତ ବୈଠକ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଞ୍ଜୟ ଦାସବର୍ମା, ଉମାକାନ୍ତ ସାମନ୍ତରାୟ, ଅରୂପ ପଟ୍ଟନାୟକ ଏବଂ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଏବଂ ଜିଲା ସଭାପତି ଦିବାକର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କିଛି ଦିନ ତଳେ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ସଞ୍ଜୟ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଏବଂ ସତ୍ୟବାଦୀ ବିଧାୟକ ଉମାକାନ୍ତ ବ୍ରହ୍ମଗିରି ଆସନରୁ ନିର୍ବାଚନ ଲଢିବେ ବୋଲି ଦେଖିବାକୁ ମିଳିଥିଲା। ପରେ ସାମନ୍ତରାୟଙ୍କ ଇସାରାରେ ସଞ୍ଜୟଙ୍କୁ କଟାକ୍ଷ କରିବା ସହ ସେ ସତ୍ୟବାଦୀରେ ଲଢିବେ ବୋଲି କହିଥିଲେ। ଫଳରେ ଉଭୟ ନେତାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖିବାକୁ ମିଳିଥିଲା। ତେବେ ସତ୍ୟବାଦୀ ଏବଂ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀର ନେତା ଓ ପ୍ରମୁଖ ସଦସ୍ୟଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଛି, ଯାହା ୨ ନେତାଙ୍କ ମଧ୍ୟରେ ଥିବା ତିକ୍ତତାକୁ ଦୂର କରିଛି ବୋଲି ଅନୁମାନ କରାଯାଉଛି। ସେହିପରି ଚଳିତଥର ପୁରୀ ସାଂସଦ ପିନାକୀ ମିଶ୍ର ନିର୍ବାଚନ ଲଢିବେନି ବୋଲି ସୂଚନା ଦେବା ପରେ ପୁରୀରୁ ବିଜେଡିର ସାଂସଦ ପ୍ରାର୍ଥୀ କିଏ ହେବ ସେ ନେଇ କଳ୍ପନା ଜଳ୍ପନା ଲାଗି ରହିଥିଲା। ତେବେ କିଛିଦିନ ହେବ ଅରୂପ ପଟ୍ଟନାୟକ ପୁରୀରେ ଡେରା ପକାଇଥିବାବେଳେ ଦଳ ତାଙ୍କୁ ପୁରୀରୁ ସାଂସଦ ପ୍ରାର୍ଥୀ କରିବା ନେଇ ଆଲୋଚନା ହେଉଛି।

# ଶାସକ ଦଳକୁ ସାଧାରଣ ଭୋଟର ମାତ୍ ଦେବେ


କଂଗ୍ରେସର ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କର୍ମୀ ।

**ଗୋପ,୧୯।୩(ଭାରତୀ ଭୂଷଣ ଉପାଧ୍ୟାୟ):**

ଦୀର୍ଘବର୍ଷ ଧରି ଶାସନ ଗାଦିରେ ବସିଥିବା ସରକାର ଓ ସାଧାରଣ ଲୋକଙ୍କୁ ଠକିଥିବା ସରକାରକୁ ଏଥର ସାଧାରଣ ଭୋଟର ମାତ୍ ଦେବେ। ବିଜେଡି ଭୟରେ ଭାଜପା ସହ ମେଣ୍ଟ କଲେ ମଧ୍ୟ କୌଣସି ସଫଳତା ହାସଲ କରିପାରିବନାହିଁ। ଗୋପ ଆଖଣ୍ଡଳେଶ୍ୱର ଶୈବପୀଠ ପରିସରରେ ଆୟୋଜିତ କଂଗ୍ରେସର ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି ଭାସ୍କର ସେଠ୍ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ଏହା କହିଛନ୍ତି।

ପ୍ରକାଶ ଯେ, ଗୋପ ବ୍ଲକ ୨ଟି ଲୋକ ସଭା ଓ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବାବେଳେ ଲୋକ ସଭା ଓ ବିଧାନସଭାରେ ଶାସକ ଦଳର ବିଧାୟକ, ଏମ୍‌ପିଙ୍କ ମନମୁଖୀ ଶାସନ ସହିତ ବିଭିନ୍ନ କ୍ଷେତ୍ରରେ ହୋଇଥିବା ମହାଦୁର୍ନୀତିର ଏବେ ପର୍ଦ୍ଦାଫାଶ ହେଉଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ପ୍ରଧାନମନ୍ତ୍ରୀଙ୍କ ସହିତ ଅନ୍ୟମାନେ ଏହି ଦୁର୍ନୀତିରେ ଲିପ୍ତ ଥିବା ସାଧାରଣ ଲୋକେ ବୁଝିଛନ୍ତି। କେବଳ ହାରିବା ଭୟରେ ଉଭୟ ଦଳ ମେଣ୍ଟକରି କ୍ଷମତାକୁ ଆସିବାକୁ ଚେଷ୍ଟା କରୁଛନ୍ତି ବୋଲି ଉପସ୍ଥିତ କର୍ମୀ କହିଥିଲେ। ବୈଠକରେ ଆଇନଜୀବୀ ସୁଧୀର ମହାନ୍ତି, ସିଦ୍ଧାର୍ଥ ରାଉତରାୟ, ନିରଜ ବରଣ ଖୁଣ୍ଟିଆ, ବିଶ୍ୱଭୂଷଣ ଦାସ, ନୀଳମଣି ପ୍ରଧାନ, ସୁରେନ୍ଦ୍ର ବେହେରା, ବିଜୟ ସ୍ୱାଇଁ, ଲକ୍ଷ୍ମୀଧର ପ୍ରଧାନ, ବିଚିତ୍ରାନନ୍ଦ ପ୍ରଧାନ, ମଦନ ମୋହନ ହାଜରା ପ୍ରମୁଖ ଯୋଗ ଦେଇଥିଲେ। କଂଗ୍ରେସ ପୁଣି ରାଜ୍ୟ ଓ ଦେଶର ଦାୟିତ୍ୱ ବହନ କରିବା ସହ କୁସଂସ୍କାର ବିଜେଡି, ଭାଜପାକୁ ଗାଦିଚ୍ୟୁତ କରିବ। ସେ ସମ୍ପର୍କରେ ପ୍ରତ୍ୟେକ ପଞ୍ଚାୟତରେ ୱାର୍ଡସ୍ତରୀୟ ବୈଠକ କରି ଯୋଜନା ପ୍ରସ୍ତୁତ କରିବ ବୋଲି ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସ ନେତୃତ୍ୱମାନେ କହିଥିଲେ। ଦଳ ପକ୍ଷରୁ ଏକ ବିରାଟ ମୋଟରସାଇକେଲ ଶୋଭାଯାତ୍ରା ଆଖଣ୍ଡଳେଶ୍ୱର ମନ୍ଦିରରୁ ବାହାରି ବିଭିନ୍ନ ସ୍ଥାନକୁ ଯାଇଥିଲା।

# ପିଲାଚୋରି ଗୁଜବ ଉପରେ ବିଶ୍ୱାସ ନ କରିବାକୁ ପରାମର୍ଶ

**ପୁରୀ ୧୯।୩( ଅଜିତ୍ ମହାନ୍ତି)**

କିଛି ଦିନ ହେବ ପୁରୀ ଏବଂ ଆଖପାଖ ଅଞ୍ଚଳରେ ବାହାରୁ କିଛି ଅଜ୍ଞାତ ଲୋକ ଆସି ପିଲାଚୋରି କରି ନେଉଥିବା ପ୍ରଚାରିତ ହେଉଛି। ଏପରିକି ସୋମବାର ପୁରୀ ସହରରେ ଭିନ୍ନ ଭିନ୍ନ ସ୍ଥାନରେ ପିଲାଚୋର ଆଶଙ୍କାରେ ଦୁଇଜଣଙ୍କୁ ସ୍ଥାନୀୟ ଲୋକ ଅଟକ ରଖି ନିର୍ଘୂମ ମାଡ଼ ମାରିଥିଲେ। ପରେ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲା। ତେବେ ଏପରି ଘଟଣା ବର୍ତ୍ତମାନ ପୁରୀ ସହର ଏବଂ ସାରା ଜିଲାରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ପିଲାଙ୍କୁ ଚୋରି କରି ନେଉଥିବା ପ୍ରଚାର ଜୋର ଧରିଥିବାରୁ ବିଭିନ୍ନ ଅଞ୍ଚଳରେ ଅଜଣା ବ୍ୟକ୍ତିଙ୍କୁ ସନ୍ଦେହ କରି ସ୍ଥାନୀୟ ଲୋକ ଆକ୍ରମଣ କରୁଛନ୍ତି। ପିଲା ଚୋରି ସନ୍ଦେହକୁ ନେଇ ଅଜଣା ବ୍ୟକ୍ତିଙ୍କ ଉପରେ ଆକ୍ରମଣ ଘଟଣା ଏକାଧିକ ସ୍ଥାନରେ ହୋଇଥିବାବେଳେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। କେତେକ ସ୍ଥାନରେ ମାନସିକ ବିକାରଗ୍ରସ୍ତ ଲୋକଙ୍କୁ ପିଲା ଚୋରି ସନ୍ଦେହରେ ଆକ୍ରମଣ କରାଯାଉଛି। ତେଣୁ ପିଲା ଚୋରିକୁ ସନ୍ଦେହ କରି ସାଧାରଣ ଲୋକଙ୍କୁ ଆକ୍ରମଣ ନ କରିବାକୁ ଏସ୍‌ପି ପିନାକ ମିଶ୍ର ନିବେଦନ କରିଛନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ସନ୍ଦେହ ହୁଏ ତେବେ ତାଙ୍କୁ ଆକ୍ରମଣ ନ କରି ତୁରନ୍ତ ପୋଲିସକୁ ଖବର ଦେବାକୁ ନିବେଦନ କରିଛନ୍ତି। ପୁରୀ ଏକ ତୀର୍ଥକ୍ଷେତ୍ର ହୋଇଥିବାରୁ ବିଭିନ୍ନ ସ୍ଥାନରୁ ଏଠାକୁ ଅନେକ ଲୋକ ଆସୁଥିବାବେଳେ ଅନେକ ମାନସିକ ବିକାର ଗ୍ରସ୍ତ ଲୋକ ମଧ୍ୟ ଏଠାକୁ ଚାଲି ଆସୁଛନ୍ତି। ମାନସିକ ବିକାରଗ୍ରସ୍ତ ଲୋକଙ୍କ କଥାବାର୍ତ୍ତା ଓ ଚାଲିଚଲଣ ଠିକ୍ ନ ଥାଏ ବୋଲି ଅନେକ ଲୋକ ତାଙ୍କୁ ସନ୍ଦେହ କରିଥାନ୍ତି। ତେବେ କୌଣସି ଗୁଜବ ଏବଂ ସନ୍ଦେହକୁ ଆଧାର କରି କାହା ଉପରେ ଆକ୍ରମଣ କରିବା ସମ୍ପୂର୍ଣ୍ଣ ଅମାନବୀୟ ଓ ବେଆଇନ୍ ଅଟେ। ଯଦି କୌଣସି ବ୍ୟକ୍ତି ସନ୍ଦିଗ୍ଧ ଲାଗିଲେ ନିଜ ଅଞ୍ଚଳରେ ଥିବା ଥାନାକୁ ଖବର ଦେବା ସହ ୧୧୨କୁ ଫୋନ କରି ସୂଚନା ଦେବା ପାଇଁ ଏସ୍‌ପି ମିଶ୍ର ନିବେଦନ କରିଛନ୍ତି।

# କଲେଜ ମୁଖ୍ୟ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର

**ନିମାପଡା,୧୯।୩(ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ମନମୁଖୀ କାର୍ଯ୍ୟ, କୋଟି କୋଟି ଟଙ୍କାର ଆର୍ଥିକ ଘୋଟାଲା, ବେଆଇନ କର୍ମଚାରୀ ନିଯୁକ୍ତି ପ୍ରତିବାଦରେ ଛାତ୍ରୀଛାତ୍ର ମଙ୍ଗଳବାର କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଆନ୍ଦୋଳନ ପ୍ରତ୍ୟାହୃତ ହୋଇନାହିଁ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଛାତ୍ରୀଛାତ୍ର କହିଛନ୍ତି। ପରିଚାଳନା କମିଟି ସଭାପତି ତୁରନ୍ତ ଇସ୍ତଫା ଦେବାକୁ ଆନ୍ଦୋଳନରତ ଛାତ୍ରୀଛାତ୍ର ଦାବି କରିଥିଲେ। ଏଥିସହିତ ସଭାପତି ହଟାଅ– କଲେଜ ବଞ୍ଚାଅ, ଡିନ ନିଯୁକ୍ତି କାହା ସ୍ୱାର୍ଥରେ, ସମସ୍ତ ଖର୍ଚ୍ଚର ହିସାବ ଦିଅ, ପିଲାଙ୍କ ଭବିଷ୍ୟତ ସହ ଖେଳ କଣ ପାଇଁ ପ୍ରଭୃତି ଛାତ୍ରୀଛାତ୍ର ନାରା ଦେଇଥିଲେ। କଲେଜ ଅଧକ୍ଷା ପୁଷ୍ପିତା ରାଜଗୁରୁଙ୍କୁ ଭେଟି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ବାବଦରେ ଲିଖିତ ଭାବେ ଜଣାଇ ପ୍ରବେଶ ପଥର ୨ଟି ଯାକ ଗେଟ୍‌କୁ ତାଲା ପକାଇଥିଲେ। କାହାରିକୁ ଭିତରକୁ କିମ୍ବା ବାହାରକୁ ଯିବାକୁ ଦେଉ ନ ଥିଲେ। ପରିଚାଳନା କମିଟି ସଭାପତି ଜଗତ ସାବୁତ ଏଠାକୁ ଆସି ତାଙ୍କ ପ୍ରଶ୍ନର ଉତ୍ତର ଦେଲେ ଆନ୍ଦୋଳନ ପ୍ରତ୍ୟାହାର କରାଯିବ ବୋଲି ଆନ୍ଦୋଳନରତ ଛାତ୍ରୀଛାତ୍ର କହିଥିଲେ। ଅଧକ୍ଷା ରାଜଗୁରୁ ସଭାପତିଙ୍କୁ ଫୋନ କରି ସମସ୍ତ ବିଷୟ ଅବଗତ କରାଇଥିଲେ ମଧ୍ୟ ସଭାପତି ଆସି ନ ଥିଲେ। ଏ ସମ୍ବନ୍ଧରେ ପରିଚାଳନା କମିଟି ସଭାପତି ସାବୁତଙ୍କ ଯୋଗାଯୋଗ କରିବାରେ ସେ କହିଥିଲେ, 'ମୁଁ ସେଠାକୁ କାହିଁକି ଯିବି? ମୋର କ'ଣ ଦରକାର ସେଠାକୁ ଯିବା? କଲେଜ ସମସ୍ୟା ଅଧକ୍ଷା ବୁଝିବେ।' ଛାତ୍ରୀଛାତ୍ରଙ୍କ ବାରମ୍ବାର ଦାବି ସତ୍ତ୍ୱେ ସଭାପତି ନ ଆସିବାରୁ ଆନ୍ଦୋଳନ ତୀବ୍ର ରୂପ ନେଇଥିଲା। ଦୀର୍ଘ ୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଆନ୍ଦୋଳନ ପରେ ପରିଚାଳନା କମିଟି ସଭାପତି ଜଗତ ସାବୁତ ଘଟଣାସ୍ଥଳରେ ପହଞ୍ଚିଥିଲେ । ପରିଚାଳନା ସଭାପତି ହାଏ ହାଏ ନାରା ଦେଇ ଆନ୍ଦୋଳନରତ ଛାତ୍ରୀଛାତ୍ର ତାଙ୍କୁ ଧସ୍ତାଧସ୍ତି କରିଥିଲେ। ଯେ ପର୍ଯ୍ୟନ୍ତ ଆମକୁ ସମସ୍ତ ଖର୍ଚ୍ଚର ହିସାବ ମିଳିନାହିଁ ଏବଂ ପରିଚାଳନା କମିଟି ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ଛାତ୍ରୀଛାତ୍ର ପ୍ରତିକ୍ରିୟା ରଖିଥିଲେ। ଏଥିସହିତ ଉଚ୍ଚଶିକ୍ଷା ବିଭାଗ ଓ ୫–ଟି ଅଧକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆନ୍ଦୋଳନକାରୀ ମାନେ ଦାବି କରିଥିଲେ।



ଛାତ୍ରୀଛାତ୍ରମାନେ କଲେଜ ଫାଟକରେ ତାଲାପକାଇ ଆନ୍ଦୋଳନ କରୁଛନ୍ତି ।

# ୫ ବର୍ଷ ହେଲା କଲ୍ୟାଣମଣ୍ଡପ କାର୍ଯ୍ୟ ଠପ୍

**ଯୋଗେଶ୍ୱରପୁର, ୧୯।୩ (ରଶ୍ମିରଞ୍ଜନ ସାହୁ)**

ଯୋଗେଶ୍ୱରପୁର ନିକଟସ୍ଥ ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ନୂତନ କଲ୍ୟାଣମଣ୍ଡପର ନିର୍ମାଣ କାର୍ଯ୍ୟ ପ୍ରାୟ ୫ ବର୍ଷ ହେବ ଅଧାରୁ ବନ୍ଦ ପଡ଼ିଛି। ଫଳରେ ଏହି ଅଧାଗଢ଼ା ଭଙ୍ଗା ଘରେ ଲୋକେ ମଳତ୍ୟାଗ କରୁଥିବାବେଳେ ବର୍ତ୍ତମାନ ତାହା ଭୂତକୋଠିରେ ପରିଣତ ହୋଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ୩୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି କଲ୍ୟାଣମଣ୍ଡପ କାର୍ଯ୍ୟ ଶେଷ ହୋଇଥିଲେ ଅଞ୍ଚଳର ଲୋକେ କମ୍ ମୂଲ୍ୟରେ ବିବାହ, ବ୍ରତ, ଶୁଦ୍ଧିକ୍ରିୟା ଓ ସଭା ଆଦି କରିପାରିଥାନ୍ତେ। ଉକ୍ତ ମଣ୍ଡପ ଗୋଚର ଜମିରେ ନିର୍ମିତ ହୋଇଥିବାରୁ କିଛି ରାଜନୈତିକ ଲୋକଙ୍କ ବିରୋଧ ଫଳରେ କାମ ଅଧାରୁ ବନ୍ଦ ହୋଇ ପଡ଼ିରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପଞ୍ଚାୟତ ସଭାପତି ଜ୍ୟୋତିରଞ୍ଜନ ନାୟକଙ୍କୁ ପଚାରିବାରେ, ଏ ବିଷୟରେ ବ୍ଲକ ପ୍ରଶାସନ ଜାଣିଥିବେ, ସେ ଜାଣିନାହାନ୍ତି ବୋଲି କହିଥିଲେ। ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରେ ସେ କାମ ତାଙ୍କ ସମୟର ନୁହେଁ। ତାଙ୍କୁ ଏ ବାବଦରେ ଜଣା ନ ଥିବାବେଳେ ସେ କିଛି କହିପାରିବେ ନାହିଁ ବୋଲି କହିଥିଲେ।

# ସମସ୍ୟାଘେରରେ ଆଦର୍ଶ ବିଦ୍ୟାଳୟ

**ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ**

**ଅସ୍ତରଙ୍ଗ,୧୯।୩(ପ୍ରଦୀପ୍ତ ଦୀକ୍ଷିତ):**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୃହକାର୍ଯ୍ୟ ଦୀର୍ଘ ବର୍ଷ ହେବ ନିର୍ମାଣଧୀନ ଅଛି। ଏଥିପାଇଁ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହା ପାଟଳଦା ପଞ୍ଚାୟତ ସୁରେନ୍ଦ୍ରନାଥ ବିଦ୍ୟାପୀଠ, ସୁନ୍ଦର ଗ୍ରାମରେ ଅସ୍ଥାୟୀ ଭାବେ ଶିକ୍ଷା ପ୍ରଦାନ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏଠାରେ ଆବଶ୍ୟକୀୟ ବିଷୟ ଭିତ୍ତିକ ଶିକ୍ଷକଙ୍କ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି।

ବିଦ୍ୟାଳୟରେ ମାତ୍ର ୫ ଜଣ ଶିକ୍ଷକ ଯଥା ଓଡ଼ିଆ, ଇଂଲିଶ, କମ୍ପ୍ୟୁଟର, କ୍ରୀଡ଼ା ଓ ଗଣିତ ବିଷୟର ଶିକ୍ଷକ ରହିଥିବାବେଳେ ସ୍ଥାୟୀ ବିଜ୍ଞାନ, ସାମାଜିକ ବିଜ୍ଞାନ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ପୂରଣ ହୋଇନାହିଁ। ଯାହାକୁ ନେଇ ଅତିଥି ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଛି। ଫଳରେ ପାଠପଢା ବାଧାପ୍ରାପ୍ତ ହେବା ସହ ସ୍କୁଲ ପରିଚାଳନାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ତନ୍ମଧ୍ୟରୁ ସରକାରୀସ୍ତରରୁ କମ୍ପ୍ୟୁଟର ଶିକ୍ଷକ ସତ୍ୟନାରାୟଣ ଜେନା ନିଯୁକ୍ତି ପାଇଥିବାବେଳେ ତାଙ୍କୁ ମୁଖ୍ୟ କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ କରାଯାଇଛି। କମ୍ପ୍ୟୁଟର ଲ୍ୟାବ ନ ଥାଇ ମଧ୍ୟ ଶିକ୍ଷକ ସତ୍ୟନାରାୟଣଙ୍କ ଉଚ୍ଚକୋଟୀର ତଥା ପ୍ରଭାବଶାଳୀ ଶିକ୍ଷାଦାନରେ ପ୍ରତ୍ୟେକ ଛାତ୍ରୀଛାତ୍ର ଅଭିଭାବକ ଖୁସି ଥିଲେ। ସତ୍ୟନାରାୟଣଙ୍କ ଅନ୍ୟ ଏକ ବିଦ୍ୟାଳୟକୁ ସ୍ଥାନାନ୍ତରଣ ହେଉଥିବା ଖବରପାଇ ଅଭିଭାବକ ମହଲରେ ଅସନ୍ତୋଷ ବ୍ୟକ୍ତ ହେବା ସହ ଛାତ୍ରୀଛାତ୍ରଙ୍କ ପାଠପଢା ବାଧାପ୍ରାପ୍ତ ଆଶଙ୍କା କରାଯାଉଛି। ଯାହାକୁ ନେଇ ଅଭିଭାବକ ବିଦ୍ୟାଳୟ କବାଟରେ ତାଲା ପକାଇବା ସହ ଓଡ଼ିଶା ବିଦ୍ୟାଳୟ ଅଧକ୍ଷାଙ୍କୁ ସ୍ଥାନାନ୍ତରଣ ବାତିଲ କରିବାକୁ ଦାବିପତ୍ର ଦେଇଛନ୍ତି। ତାହା ସହ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ୮ କି.ମି.ରୁ ଊର୍ଦ୍ଧ୍ୱ ଭଡ଼ା ଗାଡ଼ିରେ ଯାତାୟାତ କରୁଛନ୍ତି। ଯାହାକୁ ନେଇ ଗରିବ ଶ୍ରେଣୀର ଛାତ୍ରୀଛାତ୍ର ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କୁ ପଚାରିବାରେ, ସରିପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୃହ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ୩ରୁ ୪ମାସ ମଧ୍ୟରେ ବିଦ୍ୟାଳୟ ସ୍ଥାନାନ୍ତର ହେବ। ଏନେଇ ବିଦ୍ୟାଳୟ ଅଧକ୍ଷାଙ୍କୁ ପଚରାଯିବାରେ, ଏ ବାବଦରେ ସେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି। ବିଦ୍ୟାଳୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଦାନ ନିମନ୍ତେ ଶିକ୍ଷକ ନିଯୁକ୍ତି ସହିତ ପିଲାଙ୍କ ଯିବା ଆସିବା ପାଇଁ ଗାଡ଼ିର ବ୍ୟବସ୍ଥା କରିବା ଓ ଭିତ୍ତିଭୂମି ବିକାଶ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ମୁକ୍ତ, ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ

**ପୁରୀ,୧୯।୩( ଅଜିତ୍ ମହାନ୍ତି)**


ପ୍ରସ୍ତୁତି ବୈଠକରେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର ଏବଂ ଅଧିକାରୀମାନେ ।

ଚଳିତ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ପୁରୀ ଜିଲା ପ୍ରଶାସନ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ସର୍କିଟ ହାଉସଠାରେ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶିକା ଆଧାରରେ ନିର୍ବାଚନ ପରିଚାଳିତ ହେଉଥିବାରୁ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ଓ ଏସ୍‌ପି ସ୍ପଷ୍ଟ କରିଛନ୍ତି। ନିର୍ବାଚନ ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ସମସ୍ତ ରାଜନୈତିକ ହୋର୍ଡିଂ, ପୋଷ୍ଟର, ବ୍ୟାନର ଇତ୍ୟାଦିକୁ ଅପସାରଣ ଚାଲିଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୩ଟି ଲେଖାଏ ଫ୍ଲାଇଂ ସ୍କ୍ୱାଡ୍ କାର୍ଯ୍ୟ କରିବାକୁ ଥିବାବେଳେ ବିଗତ ନିର୍ବାଚନର ତଥ୍ୟ ଆଧାରରେ କାକଟପୁର ଓ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଅତିରିକ୍ତ ଗୋଟିଏ ଲେଖାଏ ସ୍କ୍ୱାଡ୍ ନିୟୋଜିତ ରହିଛନ୍ତି। ତେବେ ଜିଲାରେ ମୋଟ ୨୦ଟି ଫ୍ଲାଇଂ ସ୍କ୍ୱାଡ୍ ନିର୍ବାଚନ ଘୋଷଣା ହେବାଠାରୁ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସୁରକ୍ଷା ବ୍ୟବସ୍ଥା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ସହ ପୋଲିସ ବାହିନୀ କାର୍ଯ୍ୟ କରୁଛି। ନିର୍ବାଚନରେ ସ୍ୱଚ୍ଛତା ପାଇଁ ଶତକଡା ୬୦ଭାଗ ବୁଥ୍‌ରେ ୱେବ କାଷ୍ଟିଂ, ଅନ୍ୟ ବୁଥରେ ମାଇକ୍ରୋ ଅବଜରଭର ଓ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହେବେ। ଅପରପକ୍ଷରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ବୁଥ୍‌ରେ ସର୍ବାଧିକ ୧୫୦୦ ଭୋଟର ରହିବାର ବ୍ୟବସ୍ଥା ରହିଛି। ହେଲେ ୧୦୬ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ୩୫ ନମ୍ବର ବୁଥ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାୟାବର, ୧୦୭ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ୪୧ ନମ୍ବର ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ, ୭୫ ନମ୍ବର ସିଦ୍ଧ ମହାବୀର ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, ୯୧ ସରକାରୀ ଆଇଟିଆଇ ପୁରୀ, ୧୪୩ ବେଟ୍ରିକ୍ସ ବିଦ୍ୟାଳୟ ଓ ୧୦୮ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ୪୦ ନମ୍ବର ବୁଥ ଗୋମୁଣ୍ଡିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫୦୦ରୁ ଅଧିକ ଭୋଟର ରହିଥିବାରୁ ସେଠାରେ ଗୋଟିଏ ଗୋଟିଏ ଅତିରିକ୍ତ ବୁଥ କରାଯିବ ବୋଲି ଜିଲାପାଳ ସ୍ୱାଇଁ ସୂଚନା ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଉପ ଜିଲାପାଳ ନୀଳମାଧବ ମାଝି, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଆଜି ପଖାଳ ଦିବସ

# ହୋଟେଲ, କ୍ଲବ୍‌ରେ ପ୍ରସ୍ତୁତି

କଟକ,୧୯।୩(ଶିଲ୍ପା ପ୍ରିୟଦର୍ଶିନୀ)

ପ୍ରତିଟି ଓଡ଼ିଆଙ୍କ ପ୍ରିୟର ଖାଦ୍ୟ ହେଉଛି ପଖାଳ। ଖରାଦିନ ଆସିଲେ ଖୋଜାପଡେ ପଖାଳ କଂସା। ପଖାଳ କଂସାରେ ଓଡ଼ିଆଙ୍କୁ ଶାନ୍ତି ମିଳିଥାଏ। ପାଖରେ କିଛି ଥାଉ କି ନଥାଉ କଂସାଏ ପଖାଳ, ଲଙ୍କା ଓ ବଡିଚୂରା ଥିଲେ ଖାଇବା ଜମିଥାଏ। ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱର କୋଣଅନୁକୋଣରେ ଥିବା ପ୍ରତ୍ୟେକ ଓଡ଼ିଆ ଏହି ଦିବସକୁ ପାଳନ କରିବା ପାଇଁ ଚାହିଁ ବସିଥାନ୍ତି। ଖରାଦିନ ହେଲେ ଗାଁଠୁ ସହର ସବୁଠି ଲୋକମାନେ ପଖାଳ ଖାଇଥାନ୍ତି। ଏହି ଦିବସକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏବେ ବଡ଼ ବଡ଼ ତାରକା ହୋଟେଲ, କ୍ଲବ, ମଠରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।





“କଟକ ପାଲାମଣ୍ଡପସ୍ଥିତ ହୋଟେଲ ଗ୍ରାଣ୍ଡ୍ ରେସିଡେନ୍ସିରେ ପଖାଳ ଦିବସ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପଖାଳ ସହ ରହିଛି ଉଭୟ ଭେଜ୍ ଓ ନନ୍‌ଭେଜ୍‌ର ଖାଦ୍ୟର ପ୍ଲାଟର। ଭେଜ୍ ପଖାଳ ପ୍ଲାଟର ଦର ୨୯୯ ଓଙ୍କା ଓ ନନ୍‌ଭେଜ୍ ପଖାଳ ପ୍ଲାଟର ଦର ୩୯୯ ଟଙ୍କା ରହିଛି। ଭେଜ୍ ପଖାଳ ପ୍ଲାଟର ମଧ୍ୟରେ ଦହି ଛୁଙ୍କର ଫ୍ଲେଭର ପଖାଳ, ଛୁଇଁଆଲୁ ବେସର ଇନ୍ ତାୱା, ବଡ଼ି ଓ ନଡ଼ିଆ ପଡି ଶାଗଭଜା, କଲରା ଚିପ୍ସ, ଆମ୍ବ ଖଟା, ଭେଣ୍ଡି କୁର୍‌କୁରେ, ପାମ୍ପଡ଼, ବାଇଗଣ ଭଜା, ଆଳୁ ଟମାଟୋ ପୋଡ଼ା ରହିଛି। ସେହିପରି ନନ୍‌ଭେଜ୍ ପଖାଳ ପ୍ଲାଟର ମଧ୍ୟରେ ଦହି ଛୁଙ୍କର ଫ୍ଲେଭର ପଖାଳ ସହ ଭେଜ୍‌ର ସବୁ ଖାଦ୍ୟ, ପୋହଳା ମାଛ, ଚୂନା ମାଛଭଜା, ଚିଙ୍ଗୁଡ଼ି ଛେଚା, ଫିସ୍ ତାୱା ଫ୍ରାଏ ଇତ୍ୟାଦି ସ୍ପେଶାଲ ରହିଛି। ଏହା ଏକ ସପ୍ତାହ ଧରି ହୋଟେଲରେ ଉପଲବ୍ଧ ରହିବ।



**ରିତେଶ ନାୟକ, ମ୍ୟାନେଜର, ହୋଟେଲ ଗ୍ରାଣ୍ଡ ରେସିଡେନ୍ସି**

“ଚାଉଳିଆଗଞ୍ଜସ୍ଥିତ ମଦନ ମୋହନଜୀଉ ମଠରେ ଚଳିତବର୍ଷ ବେଶ୍ ଧୁମ୍‌ଧାମ୍‌ରେ ପଖାଳ ଦିବସ ପାଳନ କରାଯିବ। ହେଲେ ଏଠାରେ ଦୋଳପୂର୍ଣ୍ଣିମା ଦିନ ପଖାଳ ଦିବସ ପାଳନ କରାଯିବ। ଏନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଦହି ପଖାଳ ଛୁଙ୍କ ସହ ୧୫ ପ୍ରକାରର ଓଡ଼ିଆ ଘରର ଖାଦ୍ୟ ଲୋକଙ୍କୁ ପରଷାଯିବ। ଖାଦ୍ୟ ମଧ୍ୟରେ ଦହି ପଖାଳ, ଛୁଇଁ ଆଳୁ ବେସର, ବଡ଼ି ଚୂରା, ଶାଗ ଭଜା, ପାମ୍ପଡ଼, ଖଟା, ଟମାଟୋ ଚଟଣୀ, ଆଳୁ ଭର୍ତ୍ତା, କଲରା ଚିପ୍ସ, କଖାରୁ ଫୁଲ ଭଜା ଇତ୍ୟାଦି ରହିଛି। ମଠ ପକ୍ଷରୁ ପଖାଳ ବିକ୍ରି କରିବା ଉଦ୍ଦେଶ୍ୟରେ ଏହା ଆୟୋଜନ କରାଯାଉ ନାହିଁ। ଯେଉଁମାନେ ମଠକୁ ଆସିବେ ସେମାନେ ଏହି ପଖାଳର ସ୍ୱାଦ ଚାଖି ପାରିବେ।



**ଚିରଞ୍ଜୟ ସାହୁ, ମୁଖ୍ୟ ପରିଚାଳକ, ମଦନ ମୋହନଜୀଉ ମଠ**

“ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କ୍ଲବ୍‌ରେ ପଖାଳ ଦିବସ ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଏଠାରେ ଭେଜ୍ ଓ ନନ୍‌ଭେଜ୍ ପଖାଳ ପସରା ରହିଛି। ଭେଜ୍ ପଖାଳ ପସରା ଦର ୨୪୯ ଟଙ୍କା ଓ ନନ୍‌ଭେଜ୍ ପଖାଳ ପସରା ଦର ୨୯୯ ଟଙ୍କା ରହିଛି। ଖାଦ୍ୟ ମଧ୍ୟରେ ଦହି ଛୁଙ୍କ ଦିଆ ପଖାଳ ସହ ବଡ଼ି ଚୂରା, ଶାଗ ଭଜା, କଖାରୁ ଫୁଲ ଭଜା, ଆଳୁ ଭର୍ତ୍ତା ରହିଥିବାବେଳେ ନନ୍‌ଭେଜ୍ ମଧ୍ୟରେ ମାଛ, ଚିଙ୍ଗୁଡ଼ି, ଚିକେନ୍ ଭଳି ବିଭିନ୍ନ ପ୍ରକାରର ଖାଦ୍ୟ ରହିଛି। ଏହି ବ୍ୟବସ୍ଥା ଏକ ସପ୍ତାହ ଧରି କ୍ଲବରେ ଉପଲବ୍ଧ ରହିବ।



**ଅନିଲ କୁମାର ସାହୁ, ମ୍ୟାନେଜର, ଓସିଏ କ୍ଲବ୍**

“ଲିଙ୍କ୍‌ରୋଡ଼ସ୍ଥିତ ହୋଟେଲ ପିପୁଲ ପଦ୍ମଜା ପ୍ରାଇଡ୍‌ଠାରେ ପଖାଳ ଦିବସ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପଖାଳ ମଧ୍ୟରେ ତିନୋଟି ପଖାଳ ପ୍ଲାଟର ରହିଛି। ସେଥିମଧ୍ୟରୁ ସାଧା ପଖାଳ ପ୍ଲାଟର, ମାଛ ପଖାଳ ପ୍ଲାଟର ଓ ଚିକେନ୍ ପଖାଳ ପ୍ଲାଟର ରହିଛି। ସାଦା ପଖାଳ ପ୍ଲାଟର ଦର ୨୯୯ ଟଙ୍କା ରହିଛି। ସେଥିରେ ଦହି ଛୁଙ୍କ ପଖାଳ ସମେତ ଭେଜ୍ ଚିପ୍ସ, ବାଇଗଣ ଭଜା, ଆଳୁ ଚକଟା, ବଡ଼ିଚୂରା, ଜହ୍ନି ପୋସ୍ତୋ, ସାଲାଡ଼ ଓ ପାମ୍ପଡ଼ ରହିଛି। ମାଛ ପଖାଳ ପ୍ଲାଟର ଦର ୩୯୯ ଟଙ୍କା ରହିଥିବାବେଳେ ସେଥିରେ ଦହି ଛୁଙ୍କ ପଖାଳ, ସାଦା ଖାଦ୍ୟ ଓ ମାଛ ଫ୍ରାଏ, ଚିଙ୍ଗୁଡ଼ି ଛେଚା, ସାଲାଡ଼ ଓ ପାମ୍ପଡ଼ ରହିଛି। ସେହିପରି କୁକୁଡ଼ା ପଖାଳ ପ୍ଲାଟର ଦର ୩୭୯ ଟଙ୍କା ରହିଥିବାବେଳେ ସେଥିରେ ଦହି ଛୁଙ୍କ ପଖାଳ ସହ ସାଦା ଖାଦ୍ୟ ଓ ଚିକେନ୍ କଷା, ଚିଙ୍ଗୁଡ଼ି ଫ୍ରାଏ, ସାଲାଡ଼ ଓ ପାମ୍ପଡ଼ ରହିଛି। ଏହି ଦିବସକୁ ଏକ ସପ୍ତାହ ଧରି ପାଳନ କରାଯିବା।



**ରମେଶ କୁମାର ବେହେରା, ସେଫ୍,ହୋଟେଲ ପିପୁଲ ପଦ୍ମଜା ପ୍ରାଇଡ୍**

# ଓକିଲାତିନାମା ଦାଖଲ ପାଇଁ ସମୟ ମାଗିଲେ ଅଭିଯୁକ୍ତ

**ଆନନ୍ଦପୁର ସେସନ୍ସ କୋର୍ଟରେ ୫ଜଣଙ୍କୁ ଫାଶୀଦଣ୍ଡ ମାମଲା**

କଟକ,୧୯।୩(କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲାର୍ ଆନନ୍ଦପୁର ସେସନ୍ସ କୋର୍ଟ ଏକ ହତ୍ୟା ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ଦେଇଥିବା ଫାଶୀ ଦଣ୍ଡାଦେଶ ରାୟକୁ ନିଶ୍ଚିତ କରିବାକୁ ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଆବେଦନର ପ୍ରାଥମିକ ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ବିଚାରପତି ଦେବବ୍ରତ ଦାଶ ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ପ୍ରତିପକ୍ଷ ତଥା ଅଭିଯୁକ୍ତମାନଙ୍କ ପକ୍ଷରୁ ଓକିଲାତିନାମା ଦାଖଲ ଲାଗି ଅଦାଲତଙ୍କୁ ସମୟ ମଗାଯାଇଥିଲା। ଅଦାଲତ ଏଥିପାଇଁ ୨ସପ୍ତାହ ସମୟ ଦେଇଛନ୍ତି। ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ମାର୍ଚ୍ଚ ୨୫ରେ କେନ୍ଦୁଝରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କୁ ହତ୍ୟା କରାଯାଇଥିଲା। ରାଜନୈତିକ ବିବାଦକୁ କେନ୍ଦ୍ରକରି ଅଭିଯୁକ୍ତମାନେ ରାମଚନ୍ଦ୍ରଙ୍କୁ ଗୋଡେଇ ହତ୍ୟା କରିଥିଲେ। ଏହି ମାମଲାର ଶୁଣାଣି ଆନନ୍ଦପୁର ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇଥିଲା। ଅଦାଲତ ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ସଞ୍ଜୀବ କୁମାର ପୃଷ୍ଟି, ଅଜିତ୍ କୁମାର ପୃଷ୍ଟି, ଅରୁଣ ପୃଷ୍ଟି, ଅଲେଖ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ବୋଇତିଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦୨୪ ମାର୍ଚ୍ଚ ୬ ତାରିଖରେ ଫାଶୀଦଣ୍ଡରେ ଦଣ୍ଡିତ କରିଥିଲେ। ନିମ୍ନ ଅଦାଲତ ଫାଶୀଦଣ୍ଡ ଦେଲେ ଏହାକୁ କାର୍ଯ୍ୟକାରୀ ଲାଗି ହାଇକୋର୍ଟଙ୍କ ସ୍ୱୀକୃତିର ଆବଶ୍ୟକତା ରହିଥାଏ। ତେଣୁ ରାଜ୍ୟ ସରକାର ଏହି ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି ଆରମ୍ଭ ହୋଇଛି। ଅଭିଯୁକ୍ତମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଛନ୍ତି।

# ବର୍ଷାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଜଳାର୍ଣ୍ଣବ



ବ୍ଲକ କାର୍ଯ୍ୟାଳୟ ପରିସରରେ ଜମି ରହିଥିବା ବର୍ଷା ପାଣି।

କଟକ ସଦର, ୧୯।୩(ସୁଶାନ୍ତ କୁମାର ଜେନା)

କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ସକାଳେ କଟକ ସଦର ବ୍ଲକ ଅଞ୍ଚଳରେ ବର୍ଷା ହୋଇଛି। ଏଥିଯୋଗୁ କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ବର୍ଷାପାଣି ଜମି ରହି କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରିଛି। ଏଥିଯୋଗୁ ବ୍ଲକ କର୍ମଚାରୀ ଓ ଜନସାଧାରଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ସେଠାରେ ଥିବା ଡ୍ରେନ୍ ପୋତି ହୋଇଯାଇଥିବାରୁ ଜଳ ନିଷ୍କାସନ ହୋଇପାରି ନାହିଁ। ପୋତି ହୋଇଥିବା ଡ୍ରେନ୍‌ରୁ ତୁରନ୍ତ ମାଟି କାଢିବା ସହ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବାସନ୍ତୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଖୁଣ୍ଟୁଣୀ,୧୯।୩(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ କୁମାରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ବାସନ୍ତୀ ଦୁର୍ଗାଙ୍କ ପୂଜା ପାଇଁ ମଙ୍ଗଳବାର ମାଟି ଅନୁକୂଳ କରାଯାଇଛି। ପୂର୍ବାହ୍ନ ୯ଟାରେ ପୂଜକ ସୁରେଶ ପଣ୍ଡା, ସୁକାନ୍ତ ପଣ୍ଡା ଓ ବିପିନ ମହାପାତ୍ର ପ୍ରମୁଖ ନୀତି ସମ୍ପନ୍ନ କରିବା ପରେ ପୀଠରେ ହୋମ କରାଯାଇଥିଲା। ବାସନ୍ତୀ ଦୁର୍ଗାପୂଜା କମିଟି ଉପସଭାପତି ଆଲୋକ ଦାସ, ସମ୍ପାଦକ ରମେଶ ପଣ୍ଡା, କୋଷାଧ୍ୟକ୍ଷ ମନମୋହନ ଦାସ, ସଞ୍ଜୟ ସାହୁ, କବି ଭୋଇ, ପ୍ରତାପ ନାୟକ, ପ୍ରଦୀପ ଭୂୟାଁ, ସୁରେନ୍ଦ୍ର କରଣ, ସନ୍ତୋଷ କରଣ, ଅନାମ ମଲ୍ଲିକ ପ୍ରମୁଖ ମା’ଙ୍କ ସବାରୀକୁ ପୂଜା କରାଇ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମରେ ଥିବା ନୂଆପୋଖରୀରୁ ମାଟି ଅଣାଯାଇ ମନ୍ଦିରରେ ରଖାଯାଇଥିଲା। ଏହି ଉତ୍ସବକୁ ମା’ ବାସନ୍ତୀ ଦୁର୍ଗା ପୂଜା କମିଟିର ସମସ୍ତ ସଭ୍ୟଙ୍କ ସମେତ ପ୍ରିୟନାଥ ଦାସ, ଚକ୍ରଧର ସେଠୀ ଏବଂ ପୂଜା କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ଉତ୍ସବ

ଫୁଲନଖରା, ୧୯।୩ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ନଛିପୁରଠାରେ ଥିବା ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ମୁଖ୍ୟ ଇଂ. ସୁନୀଲ କୁମାର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରିକେଟ, କବାଡ଼ି, କ୍ୟାରମ୍, ଚେସ୍, ଦୌଡ଼ ଓ ରଙ୍ଗୋଲି ପ୍ରତିଯୋଗିତାରେ ପ୍ରତିଷ୍ଠାନର ସମସ୍ତ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ଦୀପ୍ତି ରଞ୍ଜନ ରାଉତ ଓ ନିଯୁକ୍ତି ବିଭାଗର ଅଧିକାରୀ ସୁବାଶିଷ ତ୍ରିପାଠୀ ଉତ୍ସବ ପରିଚାଳନା କରିଥିଲେ।

### ହାଇକୋର୍ଟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

କଟକ,୧୯।୩ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୦ମ ବାର୍ଷିକ ଅଧିବେଶନ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ବ୍ଲିସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଦ୍ୱୈତ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଛାଟୋଇ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ରବିନାରାୟଣ ପରିଜା ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂଘର ନୂତନ ଟେଲିଫୋନ୍ ଡାଇରେକ୍ଟୋରି ଉନ୍ମୋଚନ କରାଯାଇଥିଲା। ସଂଘର ବରିଷ୍ଠ ସଭ୍ୟ କସ୍ତୁରୀ ଚରଣ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନବକିଶୋର ସାହୁ, ନିରଞ୍ଜନ ସ୍ୱାଇଁ, ପରିକ୍ଷିତ ସାହୁ, ତୁଷାରକାନ୍ତ ପଟ୍ଟନାୟକ, ଅସିତ କୁମାର ମହାନ୍ତି, ସତ୍ୟେନ୍ଦ୍ର ପାତ୍ର, ପରମାନନ୍ଦ ସ୍ୱାଇଁ, ରବୀନ୍ଦ୍ର ପଟ୍ଟନାୟକ, ଚୈତନ୍ୟ ମଲ୍ଲିକ ଓ ଛବିଲତା ଦାସ ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଚୌଧୁରୀ ବିଚିତ୍ରାନନ୍ଦ ମିଶ୍ର, ଉପସଭାପତି ସତ୍ୟେନ୍ଦ୍ର ପାତ୍ର, ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସିଂ, ଯୁଗ୍ମ ସମ୍ପାଦକ ଏସ୍.ଏ.ଟି. ଅହମଦ୍ ଓ କୋଷାଧ୍ୟକ୍ଷ ଦୁର୍ଗାଚରଣ ପଟ୍ଟନାୟକ ପ୍ରମୁଖ ଶପଥ ଗ୍ରହଣ କରିଥିଲେ।




ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ଦାବିରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ସିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ।

# ଜାଲିଆତି କରି ଜମି ବିକ୍ରି ଅଭିଯୋଗ

ମଙ୍ଗୁଳି-ଜଗତପୁର,୧୯।୩(ମାନସ ସାମଲ)

ଚୌଦ୍ୱାର ପୌରପାଳିକା ୧୪ ନମ୍ବର ୱାର୍ଡ ଅଧୀନ ମଣ୍ଡାପଡା ଗ୍ରାମର ସୁଦୟ ଚନ୍ଦ୍ର ବେହେରାଙ୍କ ପୈତୃକ ସମ୍ପତ୍ତିରୁ ୨ ଏକର ୬୦ ଡିସିମିଲ ଜମି କେହି ଦୁର୍ବୃତ୍ତ ଜାଲିଆତି କରି ବିକ୍ରି କରିଥିବା ଅଭିଯୋଗ ହୋଇଛି। ଏ ନେଇ ସୁଦୟଙ୍କ ନାତି ପ୍ରବୋଧ କୁମାର ବେହେରା ମଙ୍ଗଳବାର ନିଜ ବାସଭବନ ସମ୍ମୁଖରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି, ଜେଜେଙ୍କ ମୃତ୍ୟୁ ପରେ ପୈତୃକ ଗ୍ରାମ ମଣ୍ଡାପଡାରେ ନ ରହି ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅଧୀନ ଦୂରବନ୍ଧ ଗ୍ରାମରେ ମାତାପିତା ସହ ରହୁଛି। କିଛିଦିନ ପୂର୍ବରୁ ନିଜ ଗ୍ରାମକୁ ଆସିଥିବା ସମୟରେ ଜାଣିବାକୁ ପାଇଲି ଯେ, ଟାଙ୍ଗୀ-ଚୌଦ୍ୱାର ତହସିଲ ଅଧୀନ ଯେନିପୁର ନରସିଂହପୁର ଖାତା ନଂ.୫୬୬, ମୋଟ ୯ ଏକର ଜମିରୁ କେହି ଦୁର୍ବୃତ୍ତ ଦୁଇଟି ଦଲିଲରେ ତାଙ୍କ ବାପା ପ୍ରଦୂତ କୁମାର ବେହେରାଙ୍କ ସ୍ଥାନରେ ଅନ୍ୟ ବ୍ୟକ୍ତିଙ୍କ ଫଟୋ ଓ ଜାଲ୍ ଦସ୍ତଖତ ଜରିଆରେ ବିକ୍ରି କରିଛି। ନ୍ୟାୟ ପାଇଁ ସମସ୍ତ ଦସ୍ତାବିଜ୍ ସହ କଟକ ଜିଲାପାଳ, ତହସିଲଦାର, କଟକ ଓ ଜଗତପୁର ସବ୍‌ରେଜିଷ୍ଟ୍ରାର, ଡିସିପିଙ୍କୁ ଜଣାଇବା ସହ ବେଆଇନ ଭାବେ ବିକ୍ରି ହୋଇଥିବା ଜମିକୁ ମୂଳ ଖାତାକୁ ଫେରାଇ ଆଣିବା ସହ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ହେଲେ ଏଦିଗରେ କୌଣସି ସୁଫଳ ମିଳିପାରି ନାହିଁ। ତେଣୁ ନ୍ୟାୟ ପାଇଁ ଗଣମାଧ୍ୟମର ହସ୍ତକ୍ଷେପ ଲୋଡୁଛି। ଏ ନେଇ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ଜାଲ ଖର୍ଦ୍ଦି, ବିକ୍ରି କାର୍ଯ୍ୟର ତର୍ଜମା କରିବା ସବ୍‌ରେଜିଷ୍ଟ୍ରି ବିଭାଗର କାମ। ତଥାପି ଅଭିଯୋଗକାରୀଙ୍କୁ ଆଲୋଚନା ପାଇଁ ଡାକିଛି। ଆଲୋଚନା ପରେ ଯାହା କିଛି କହିହେବ।

# ‘ଅସାଧାରଣ ବ୍ୟକ୍ତି ଥିଲେ ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତି’

କଟକ,୧୯।୩ (କାର୍ତ୍ତିକ ସାହୁ)

ସିକିମ୍ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଯୁଗଳ କିଶୋର ମହାନ୍ତିଙ୍କ ୨୬ତମ ସ୍ମୃତି ସମାରୋହ କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତି ଜଣେ ଅମାୟିକ ତଥା ଅସାଧାରଣ ବ୍ୟକ୍ତି ଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଫେସର ହରେକୃଷ୍ଣ ଶତପଥୀ କହିଛନ୍ତି, ଜଷ୍ଟିସ୍ ମହାନ୍ତି ଆଜୀବନ ସାରସ୍ୱତ ସାଧକ ଥିଲେ। ସେ ସମାଜ ସହ ଜଡ଼ିତ ରହି ନ୍ୟାୟ ପ୍ରଦାନରେ ବିଶ୍ୱାସ କରୁଥିଲେ। ଜଣେ ଯୁଗସ୍ରଷ୍ଟା ଭାବରେ ଜଷ୍ଟିସ୍ ମହାନ୍ତି କେବେ ବି କର୍ମରୁ ବିଚ୍ୟୁତ ନ ଥିଲେ। ସ୍ମୃତି ସଂସଦ ସଭାପତି ତଥା ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସାଲେପୁରସ୍ଥିତ ଫାର୍ମାସି ଓ ଟେକ୍ନୋଲୋଜି ପ୍ରତିଷ୍ଠାନର ଏମ୍. ଫାର୍ମାସିର ସାଇଜ୍ୟୋତି ସାହୁ, ବି. ଫାର୍ମାସୀର ସୀମାଲିନ୍ ବିଶ୍ୱାଳ, ଡି. ଫାର୍ମାସୀର ସବ୍ୟସାଚୀ ମିଶ୍ର, ଡିଏମ୍‌ଏଲ୍‌ଟିରେ ସଙ୍ଗୀତା ସ୍ୱାଇଁ, ରାଜ୍ୟସ୍ତରୀୟ ଡିଏମ୍‌ଏଲ୍‌ଟି ସେମିନାର୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସୁର ସୋନାଲି ରାଉତରା, ପ୍ରତିଷ୍ଠାନର କର୍ମଚାରୀ ଅକ୍ଷୟ ମୋହନ ଏବଂ ସୁଶ୍ରୀ ଖୁସି ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରର ୨୫ ଜଣ ରକ୍ତଦାତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ଡ. ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇ ଜଷ୍ଟିସ୍ ମହାନ୍ତିଙ୍କ ବ୍ୟକ୍ତିତ୍ୱ ଓ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ଡ. ସତ୍ୟ ରାୟ ବିବରଣୀ ପାଠ ଓ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷ ରମାକାନ୍ତ ମହାପାତ୍ର, ଶଶିଭୂଷଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସାରଳା ଭବନରେ ଅନୁଷ୍ଠିତ ସ୍ମୃତି ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।



ଶ୍ୟାମ ମହୋତ୍ସବ ଅବସରରେ ମଙ୍ଗଳବାର ସିଡିଏ ମାରୱାଡି ସମାଜ ପକ୍ଷରୁ ବାହାରିଥିବା ନିଶାନ ଶୋଭାଯାତ୍ରା।



କଟକ ତିନିଘରିଆରେ ଅନୁଷ୍ଠିତ ଦୋଳମେଳଣ।

## ସଂକ୍ଷେପରେ

### ଭାଗବତ ପାରାୟଣ ସପ୍ତାହ ଉଦ୍‌ଯାପିତ

**ଜଟଣୀ,୧୯।୩(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଶ୍ରୀଜଗନ୍ନାଥ ବିଜୁଆଦର୍ଶ କଲୋନୀଠାରେ ଥିବା ଗୋଲକ ଧାମ ମଠରେ ୭ଦିନ ଧରି ଚାଲିଥିବା ଷୋଡ଼ଶ ଭାଗବତ ପାରାୟଣ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ରାଧାବଲ୍ଲଭ ମଠ ପୁରୀର ମଠାଧିଶ ମହନ୍ତ ରାମକୃଷ୍ଣ ଦାସଜୀ ମହାରାଜ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ଯୁବ ସଙ୍ଗଠକ ପ୍ରଶାନ୍ତ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଭାସ୍କର ଚନ୍ଦ୍ର ରଥଶର୍ମା ପୁରାଣ ପାଠ କରିଥିବା ବେଳେ ଉଦ୍‌ଯାପନୀ ସନ୍ଧ୍ୟାରେ ମା' ବନଦୁର୍ଗା ନଡ଼ିଆ ସଙ୍କୀର୍ତ୍ତନ ମଣ୍ଡଳୀ, ତମାଣ୍ଡୋ ଗୁରୁ ଚରଣ ବାରିକଙ୍କ ସମ୍ପାଦନାରେ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ଗୁରୁ ରାମକୃଷ୍ଣ ଚରଣାଶ୍ରୀତ ଏବଂ ଶ୍ରୀ କେଶବ ଦାସଜି ମହାରଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଲକ ଧାମ ମଠର ମହନ୍ତ କିଶନ ଦାସଜୀ ମହାରାଜ ଓ ମାତା ମଞ୍ଜରୀ ଦେବୀ ପରିଚାଳନା କରିଥିଲେ। ଶ୍ରୀଜଗନ୍ନାଥ ବିଜୁ ଆଦର୍ଶ କଲୋନୀର ସଭାପତି ଯୋଗେଶ ନାୟକ, ସବିତା ହାତୀ, ସୁକାନ୍ତ ବିଶ୍ୱାଳ, ଅନୀତା ସାଇଁ, ଗିରିଧାରୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ପୁରୁଣା ସ୍ମୃତି ମନେପକାଇଲେ

**ଟାଙ୍ଗୀ,୧୯।୩(ରଘୁନାଥ ସାହୁ):** ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ୧୯୮୭ ମସିହା ମାଟ୍ରିକ ବ୍ୟାଚର ସହପାଠୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମା'ରତ୍ନମାଳି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମାଧବ ମହାରଣା, ରମେଶ ବେହେରା, ତୃପ୍ତିମୟୀ ଧଳ, ଟୁକୁନା ସାହୁ, ନାନକୀବାଳା ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁବଳ ଭୋଳ, ନିତ୍ୟାନନ୍ଦ ସୁବୁଦ୍ଧି, ସିତାଂଶୁ ଭୂଷଣ ଚକ୍ରବର୍ତ୍ତୀ, ଶ୍ରୀଧର ପଣ୍ଡା ଓ ଗଙ୍ଗାଧର ସୁନ୍ଦରାୟଙ୍କୁ ଗୁରୁ ପୂଜନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସହପାଠୀମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରାଯାଇଥିଲା। ଡା.ଦୀପକ ରଞ୍ଜନ ପାଲ, ସୁଶାନ୍ତ କୁମାର ବେହେରା, ବଳରାମ ବେହେରା, ଅଶୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସଂଗ୍ରାମ କେଶରୀ ଦାସ ଧନ୍ୟବାଦ ଦେଇଥିଲେ।

### ହାଇକୋର୍ଟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**କଟକ,୧୯।୩ (କାର୍ତ୍ତିକ ସାହୁ):** ଓଡ଼ିଶା ହାଇକୋର୍ଟ ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୦ମ ବାର୍ଷିକ ଅଧିବେଶନ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ବ୍ଲିସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଦ୍ୱୈତ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଛାଟୋଇ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ରବିନାରାୟଣ ପରିଜା ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂଘର ନୂତନ ଟେଲିଫୋନ୍ ଡାଇରେକ୍ଟୋରୀ ଉନ୍ମୋଚନ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ଅକ୍ଷୟଙ୍କୁ କରାଯାଇଥିଲା ହତ୍ୟା

## ବାଲିପାଟଣା ହତ୍ୟା ଘଟଣାର ପର୍ଦ୍ଦାଫାସ୍

- ନାବାଳକଙ୍କ ସମେତ ୧୦ ଧରା ପଡ଼ିଲେ: ପଥର, ଛୁରି ଓ ବାଡ଼ି ଜବତ
- ଫେରାର ମୁଖ୍ୟ ଅଭିଯୁକ୍ତ ଦିଲୁ ଭୋଇଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ବାଲିପାଟଣା (ଅଭିମନ୍ୟୁ ନାୟକ)୧୯।୩


ଗିରଫ ହୋଇଥିବା ଅଭିଯୁକ୍ତମାନେ।

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ ନୂଆସାହି ବଜାର ନିକଟ ମହଲାସାହି ଗ୍ରାମର ଅକ୍ଷୟ ମାଝୀଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ୍ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଡିସିପି ପ୍ରତୀକ ସିଂ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ୯ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଅପରାଧରେ ବ୍ୟବହୃତ ଗୋଟିଏ ପଥର, ଛୁରି ଓ ବାଡ଼ି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅଞ୍ଚଳର ବଳରାମ ପଲେଇ(୪୫), ସୁନୀଲ ପଲେଇ (୨୫), ବିଦେଶୀ ପଲେଇ(୩୦), ନବକିଶୋର ପଲେଇ(୨୧), କେଦାରନାଥ ପଲେଇ (୬୧), କାଳନ୍ଦୀ ପଲେଇ (୩୫), ସଂଯୁକ୍ତା ପଲେଇ (୩୦), ରମାମଣି ପଲେଇ (୫୦) ଏବଂ କାଳନ୍ଦୀ ଭୋଇ (୪୮)। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ତେବେ ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଧରାପଡ଼ିଥିବା ଜଣେ ଅଭିଯୁକ୍ତ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ମୁଖ୍ୟ ଅଭିଯୁକ୍ତ ଦିଲୁ ଭୋଇ ଏବେ ବି ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି ବୋଲି ଡିସିପି କହିଛନ୍ତି।

ପୋଲିସ ସୂଚନାଯାୟୀ, ଫେରାର ଅଭିଯୁକ୍ତ ଦିଲୁ ଶ୍ରାବଣୀଙ୍କୁ ଅଶ୍ଳୀଳ ମେସେଜ ପଠାଇବା ସହ ବାରମ୍ବାର ହଇରାଣ କରୁଥିଲେ। ଏନେଇ ଶ୍ରାବଣୀ ଘଟଣା ସମ୍ପର୍କରେ ସ୍ୱାମୀ ଅକ୍ଷୟଙ୍କୁ ଜଣାଇଥିଲେ। ପରେ ଅକ୍ଷୟ ସମ୍ପୃକ୍ତ ଯୁବକଙ୍କୁ ତାଗିଦା କରିଥିଲେ। ତେବେ ଏହି ଘଟଣାକୁ ନେଇ ୧୦ଦିନ ପୂର୍ବେ ବାଳକାଟୀ ଫାଣ୍ଡି ଅଞ୍ଚଳରେ ସମ୍ପୃକ୍ତ ଯୁବକ ଓ ଅକ୍ଷୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ପରେ ଫାଣ୍ଡିରେ ଆପୋସ ସମାଧାନ କରାଯାଇଥିଲା। ହେଲେ ଅଭିଯୁକ୍ତ ଯୁବକ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ରବିବାର ରାତିରେ ସମ୍ପୃକ୍ତ ଯୁବକ ଓ ତାଙ୍କର କେତେଜଣ ସହଯୋଗୀ ନୂଆସାହି ବଜାରରେ ଅକ୍ଷୟ ବସିଥିବା ବେଳେ ତାଙ୍କୁ ସଂଘବଦ୍ଧଭାବେ ନିସ୍ତୁକ ମାଡ଼ ମାରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ଅକ୍ଷୟଙ୍କୁ ମୃତ ଭାବି ଏକ ନିଛାଟିଆ ସ୍ଥାନରେ ଫିଙ୍ଗିଦେଇ ପଳାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅକ୍ଷୟ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସୋମବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶ୍ରାବଣୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୦/୨୪) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା।

# ଆଜି ବିଶ୍ୱ ଘରଚଟିଆ ଦିବସ

ପୁରୁଣା ଭୁବନେଶ୍ୱର,୧୯।୩(ସୁବାସ ଚନ୍ଦ୍ର ପ୍ରଧାନ)



ବୁଧବାର ବିଶ୍ୱ ଘରଚଟିଆ ଦିବସ। ଚଳିତବର୍ଷର ଥିମ୍ ରହିଛି 'ଗିଭ୍ ଦେମ୍ ଏ ଟୁଇଟ୍ ଚ୍ୟାନ୍ସ', ଆଇ ଲଭ୍ ସ୍ପାରୋ ଆଣ୍ଡ ଉଇ ଲଭ୍ ସ୍ପାରୋ। ପ୍ରକୃତି ଓ ଜୈବ ବିବିଧତାର ଅନନ୍ୟ ସୃଷ୍ଟି ହେଉଛି ଘରଚଟିଆ। ଘରେ ରହିବାକୁ ପସନ୍ଦ କରୁଥିବା ଘରଚଟିଆ ଏବେ ଖୋଜୁଛି ଘର। ବର୍ତ୍ତମାନର ସନ୍ତୁଳିତ ପରିବେଶ ଭିତରେ ଏମାନେ ନିଜକୁ ଖାପଖୁଆଇ ଚଳିବା କଷ୍ଟକର ହୋଇପଡିଛି। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଚାଳ ଛପର ଘର ନ ଥିବାରୁ ଯେଉଁଥିପାଇଁ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ଆଉ ଶୁଭୁନାହିଁ ସେମାନଙ୍କର କିଚିରି ମିଚିରି ଶବ୍ଦ। ଏବେ କାଁ ଭାଁ ଏକାକୀ ବିଚରଣ କରୁଥିବାର ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ପରିବେଶବିତ୍ ସୁଶାନ୍ତ ସାହୁ ଏହି ଛୋଟ ପକ୍ଷୀମାନଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଘର ଆଗରେ କୃତ୍ରିମ ବସା ଲଗାନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି। ନଚେତ୍ ଆଗାମୀ ଦିନରେ ଏମାନଙ୍କ ବଂଶ ଲୋପ ପାଇଯିବ। ଲୋକମତ ଅନୁସାରେ ଘର ଆଗରେ ଘରଚଟିଆ ବସାଟିଏ ଥିଲେ ଶୁଭ ହୋଇଥାଏ। ଛୋଟ ପକ୍ଷୀଟିଏ ହେଲେ ମଧ ପ୍ରକୃତି ଓ ମଣିଷ ସମାଜ ପାଇଁ ଏହାର ଅବଦାନ ଅତୁଳନୀୟ।

# ରାଇଟ୍ସ ଇସିଆର୍‌ପିଓ ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର,୧୯।୮(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ରାଇଟ୍ସ ଇସିଆର୍‌ପିଓ ପକ୍ଷରୁ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରେଲୱେ ଇନ୍‌ଡୋର ଷ୍ଟାଡିୟମ ଏବଂ କ୍ରିକେଟ ଷ୍ଟାଡିୟମରେ ଆୟୋଜିତ ଏହି ମହୋତ୍ସବରେ ଇନ୍‌ଡୋର ଓ ଆଉଟ୍‌ଡୋର କ୍ରୀଡ଼ା ମହୋତ୍ସବର ଏକ ଅପୂର୍ବ ଗତିଶୀଳ ମିଶ୍ରଣ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଏକ ପ୍ରେରଣାଦାୟକ ବାର୍ତ୍ତା ଯାଇଥିଲା, ଯେଉଁଥିରେ ସାମଗ୍ରିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ବଜାୟ ରଖିବାରେ କ୍ରୀଡ଼ାର ଅବଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଇଟ୍ସ ଇସିଆର୍‌ପିଓର ଆଞ୍ଚଳିକ ମୁଖ୍ୟ ଅନୀଲ ପ୍ରକାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପୂର୍ବତଟ ରେଳପଥ ଏଜିଏମ୍ ଏମ୍.କେ. ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ବଦା କ୍ରୀଡ଼ା ମନୋଭାବ ପ୍ରଦର୍ଶନ କରିବା ଉଚିତ ବୋଲି ଉଦବୋଧନରେ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା।

# ସତ୍ତ୍ରିୟା ନୃତ୍ୟଶିଳ୍ପୀ ଅନୀତା ଶର୍ମାଙ୍କୁ 'ମାହାରୀ ସମ୍ମାନ'

## ସରିଲା ଗୁରୁ ପଙ୍କଜ ଉତ୍ସବ

ଭୁବନେଶ୍ୱର, ୧୯।୩ (ବନ୍ଦନା ସେଠୀ)



ଆଦିଗୁରୁ ପଙ୍କଜଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ପ୍ରଦାନ ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସତ୍ତ୍ରିୟା ନୃତ୍ୟଶିଳ୍ପୀ ଅନୀତା ଶର୍ମାଙ୍କୁ ଚଳିତ ବର୍ଷର 'ମାହାରୀ ସମ୍ମାନ' ପ୍ରଦାନ କରାଯିବା ସହ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରୋତ୍ସାହନ ଭାବେ ଦିଆଯାଇଥିଲା। ସନ୍ଧ୍ୟାର କାର୍ଯ୍ୟକ୍ରମରେ ଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଉପମହାପ୍ରବନ୍ଧକ ମନୋଜ କୁମାର ସିଂହ, ପରିଚୟ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ଡ. ରୋଜାଲିନ୍ ପାଟ୍ଟଶାଣୀ ମିଶ୍ର, ସଭାପତି ବଟକୃଷ୍ଣ ତ୍ରିପାଠୀ ଓ ନିର୍ଦ୍ଦେଶକ ଗୁରୁ ଶରତ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତି ଥିଲା ଅନୀତା ଶର୍ମାଙ୍କ ସତ୍ତ୍ରିୟା ନୃତ୍ୟରେ 'କୃଷ୍ଣ ବନ୍ଦନା' ଓ 'ଲୀଳା ପୁରୁଷୋତ୍ତମ'। ଉଭୟ ରାମ ଓ କୃଷ୍ଣଲୀଳାର ପ୍ରସଙ୍ଗକୁ ଭାବ ଓ ଭକ୍ତିରେ ପରଷି ଦେଇଥିଲେ ଶିଳ୍ପୀ ଅନୀତା। ଦ୍ୱିତୀୟ ଚରଣରେ ଶିଳ୍ପୀ ଶାଶ୍ୱତ ଯୋଶୀ ଆଦିଗୁରୁଙ୍କ ମୂଳ ସଂଯୋଜିତ ତଥା ଶରତ ଦାସଙ୍କ ପୁନର୍ବିନ୍ୟାସରେ ଆଦୃତ ରସ ପଞ୍ଚକକୁ ପରିବେଷଣ କରିଥିଲେ। ପରେ ପରେ ନୃତ୍ୟାଙ୍ଗନା ସ୍ୱରଲିପି ରାୟ ଶୁଦ୍ଧ ବସନ୍ତ ପଲ୍ଲବୀ ଓ ଅଭିନୟ 'ମୋ କୃଷ୍ଣ ପରି ଏ ଗୋପରେ କେ ହେବ ସରି' ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀ ଦିବ୍ୟଦର୍ଶିନୀ ସୂପକାରଙ୍କ ଶୁଦ୍ଧନୃତ୍ୟ ଆରଭୀ ପଲ୍ଲବୀ ଓ ଅଭିନୟ 'ସଜନୀ ବୁଡିଗଲି ଲାଜରେ' ଖୁବ୍ ମନଛୁଆଁ ହୋଇଥିଲା। ସେହିପରି ଶିଳ୍ପୀ ସ୍ୱୟଂପ୍ରଭା ସାହୁଙ୍କ 'ନାୟିକା'ର ପରିବେଷଣ ଦର୍ଶକଙ୍କୁ ଅଭିଭୂତ କରିଥିଲା। ଗୁରୁ ସୁହାଗ ନଳିନୀ ଦାସ, ସିଦ୍ଧାନ୍ତ ଦାସ ଓ ଗୁରୁ ବିଜୟ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

## ପୁରୀ ବଳିଆପଣ୍ଡା ଭୂତଳ ଜଳ ପ୍ରଦୂଷଣ ମାମଲା

କଟକ,୧୯।୩ (କାର୍ତ୍ତିକ ସାହୁ)

ପୁରୀ ବଳିଆପଣ୍ଡା ଅଞ୍ଚଳରେ ଭୂତଳ ଜଳ ପ୍ରଦୂଷଣ ମାମଲାର ଶୁଣାଣି କରି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପୁରୀ ପୌରପାଳିକାଠାରୁ ଜବାବ ତଲବ କରିଛନ୍ତି। ବଳିଆପଣ୍ଡା ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କ ସମସ୍ୟାର ସମାଧାନ ନିମନ୍ତେ ଜରୁରୀକାଳୀନ ଭିତ୍ତିରେ କ'ଣ ପଦକ୍ଷେପ ନିଆଯାଇଛି ଜଣାଇବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ବଳିଆପଣ୍ଡାଠାରେ ଏକ ବଡ଼ ଡମ୍ପିଂୟାର୍ଡ ରହିଛି। ପୁରୀ ସହରର ବିଭିନ୍ନ ସ୍ଥାନରୁ ଆସୁଥିବା ଆବର୍ଜନାକୁ ଏଠାରେ ପକାଇ ରଖାଯାଉଛି। ଆବର୍ଜନାଗୁଡ଼ିକୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ନିଆ ନ ଯାଇ ସେହିଠାରେ ହିଁ ପୋଡ଼ି ଦିଆଯାଉଛି। ଏହାଦ୍ୱାରା ଜଳ ଓ ବାୟୁ ପ୍ରଦୂଷିତ ହେଉଛି। ଏଠାରେ ବାସ କରୁଥିବା ୪୦୦୦ରୁ ଅଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଲାଗି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା ନାହିଁ। ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ନ ହେବା ଓ ଆବଶ୍ୟକ ଡ୍ରେନେଜ ବ୍ୟବସ୍ଥା ନ ରହିବା କାରଣରୁ ସମ୍ପୃକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏସବୁ ସମସ୍ୟାକୁ ନେଇ ପୁରୀର ସାମାଜିକ କର୍ମୀ ଚିନ୍ମୟ ଦାସ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପାଣ୍ଡରାରେ ହଟିଲା ଜବରଦଖଲ

## ୦.୬୮୦ ଡିସିମିଲ ସରକାରୀ ଜମି ଉଚ୍ଛେଦ କଲା ବିଡିଏ


ଜବରଦଖଲ ଉଚ୍ଛେଦ କରାଯାଉଛି।

ଭୁବନେଶ୍ୱର, ୧୯।୩ (ବନ୍ଦନା ସେଠୀ)

ପାଣ୍ଡରା ମୌଜା ଅନ୍ତର୍ଗତ ଖାତା ନମ୍ବର-୧୩୫୨ ପ୍ଲଟ ନଂ-୩୭୨୪, ୩୭୨୫ରେ ହୋଇଥିବା ଜବରଦଖଲକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଉଚ୍ଛେଦ କରାଯାଇଛି। ସେହି ସ୍ଥାନରେ ପୋଲିସ ହାଉସିଂ କର୍ପୋରେଶନ ନିର୍ମାଣ କରାଯିବ। ଜିଏର ରିକ୍ୟୁଜିଶନ କ୍ରମେ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ପାଣ୍ଡରା ମୌଜାରେ ପହଞ୍ଚିଥିଲା। ସେଠାରେ କେତେଜଣ ବ୍ୟକ୍ତି ସରକାରୀ ଜାଗା ମାଡ଼ିବସି ପୁରୁଣା ଗାଡ଼ି ଶୋ'ରୁମ୍ କରିଥିଲେ। ଏହାସହିତ ଆଉ କେତେଜଣ ବ୍ୟକ୍ତି ଦୋକାନ ଘର ନିର୍ମାଣ କରି ବ୍ୟବସାୟ କରୁଥିଲେ। ବିଡିଏ ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ସେଠାରେ ୩ଟି କ୍ୟାବିନ, ୨ଟି ବାଉଁଶ ନିର୍ମିତ ଦୋକାନ, ୬ଟି ଆଜବେଷ୍ଟସ୍ ନିର୍ମିତ ଦୋକାନ ଓ ୨୦୦ ଫୁଟର ଶୌଚାଳୟ ଭଙ୍ଗାଯାଇଥିଲା। ଏହାଛଡ଼ା ଏକ ପାଚେରି ଓ ପୁରୁଣା ଗାଡ଼ି ଶୋ'ରୁମ୍‌କୁ ମଧ୍ୟ ମାଟିରେ ମିଶାଇ ପ୍ରାୟ ୦.୬୮୦ ଡିସିମିଲ ଜମିକୁ ଜବରଦଖଲମୁକ୍ତ କରିଛି ବିଡିଏ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ପୋଲିସ ଫୋର୍ସ ଓ ଏକ ସେକ୍ସନ ମହିଳା ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ଭୁବନେଶ୍ୱର ଆଡ଼ିଶନାଲ ଏସ୍‌ପି ଏ. କେ. ସାହୁ, ବିଡିଏ ଏନଫୋର୍ସମେଣ୍ଟ(ଓଏସ୍‌ଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ମଞ୍ଚେଶ୍ୱର ଥାନା ଇନ୍ସପେକ୍ଟର ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ରେଡ୍ ସିଗ୍‌ନାଲ ମାନିଲେନି: ୨୦ ଗାଡ଼ି ଜବତ

ଭୁବନେଶ୍ୱର,୧୯।୩ (ସୂର୍ଯ୍ୟକାନ୍ତ ବେହେରା)




ଟ୍ରାଫିକ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସଚେତନ କରାଯିବା ସହ ମଦ୍ୟପ ଏବଂ ଅମାନିଆ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତଥାପି ବେଳେବେଳେ ଅନେକ ଚାଳକ ରେଡ୍ ସିଗ୍‌ନାଲ ମାନୁ ନ ଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ଭୁବନେଶ୍ୱରର କେତେକ ଟ୍ରାଫିକ ପୋଷ୍ଟରେ ରେଡ୍ ସିଗ୍‌ନାଲ ନ ମାନି ରାସ୍ତା ଅତିକ୍ରମ କରିବା ଗାଡ଼ିଚାଳକଙ୍କୁ ମହଙ୍ଗା ପଡ଼ିଛି। ରେଡ୍ ସିଗ୍‌ନାଲ ନ ମାନିବାରୁ ୨୦ଟି ଗାଡ଼ି ଜବତ କରାଯାଇଛି। ଭୁବନେଶ୍ୱର ଟ୍ରାଫିକ ଡିସିପି ପି.କେ. ରାଉତ କହିଛନ୍ତି ଯେ, ଯଦି ଏବେଠୁ ଟ୍ରାଫିକ ପୋଷ୍ଟରେ ରେଡ୍ ସିଗ୍‌ନାଲ ବେଳେ କୌଣସି ଚାଳକ ରାସ୍ତା ପାର ହୁଅନ୍ତି ତା'ହେଲେ ଜରିମାନା ଗଣିବେ। ତାଙ୍କର ଗାଡ଼ି ଜବତ କରାଯିବା ସହ ୩ ମାସ ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯିବ। ଗାଡ଼ି ପାଇଁ ସମ୍ପୃକ୍ତ ଚାଳକଙ୍କୁ କୋର୍ଟକୁ ଯିବାକୁ ପଡ଼ିବ।

ଅମାନିଆ ଚାଳକଙ୍କୁ ସାବାଡ୍ କରିବା ପାଇଁ ଭୁବନେଶ୍ୱର ଟ୍ରାଫିକ ପୋଲିସ ପକ୍ଷରୁ କଡ଼ାକଡ଼ି ନିୟମ କରାଯାଇଛି। ଅମାନିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବାକୁ ନଜର ରଖି ଏଭଳି ପଦକ୍ଷେପ ନିଆଯିବ ବୋଲି ରାଉତ ପ୍ରକାଶ କରିଛନ୍ତି।

# ୨ କିରାଣିଙ୍କୁ ଜେରା, ପୂର୍ବତନ କଲେଜ ଅଧ୍ୟକ୍ଷଙ୍କୁ ନୋଟିସ

## ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବେଆଇନ ଭାବେ ନାମଲେଖା ପ୍ରସଙ୍ଗ

ଖୋର୍ଦ୍ଧା,୧୯।୩(ପ୍ରଭାତ ପାଣିଗ୍ରାହୀ)



ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ନକଲି ସାର୍ଟିଫିକେଟ ଦେଇ ଡାକ୍ତରୀ ପାଠ ପଢୁଥିବା ଘଟଣାରେ କଲେଜର ୨ଜଣ କିରାଣି ତାରାପ୍ରସାଦ ମହାପାତ୍ର ଏବଂ ବସନ୍ତ ସାମନ୍ତରାୟଙ୍କୁ ରାଜ୍ୟ ଆୟୁଷ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ନିକଟରେ ଜେରା କରିଛି। ଉଭୟ ତାରା ଓ ବସନ୍ତ ନିଜ ପକ୍ଷ ରଖିଛନ୍ତି। ତେବେ ବସନ୍ତ ଦାଖଲ କରିଥିବା ରିପୋର୍ଟରେ ଆୟୁଷ ନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଥିବାବେଳେ ତାଙ୍କୁ ପୁଣିଥରେ ନିଜ ପକ୍ଷ ରଖିବାକୁ ସମୟ ଦେଇଛନ୍ତି। ଖୁବ୍‌ଶୀଘ୍ର ପୂର୍ବତନ କଲେଜ ଅଧ୍ୟକ୍ଷ ସୁଦର୍ଶନ ବେହେରା ଜେରାର ସମ୍ମୁଖୀନ ହେବେ। ଏନେଇ ତାଙ୍କୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ନକଲି ସାର୍ଟିଫିକେଟ ଦେଇ ଡାକ୍ତରୀ ପାଠ ପଢୁଥିବା ନେଇ 'ଧରିତ୍ରୀ'ରେ ବିଭିନ୍ନ ତଥ୍ୟ ସମ୍ବଳିତ ଖବର ପ୍ରକାଶ ପରେ ଆୟୁଷ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ୨୦୨୩ ମେ' ୫ତାରିଖରେ ଆୟୁଷ ବିଭାଗର ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ର ଉକ୍ତ କଲେଜରେ ସରଜମିନ ତଦନ୍ତ କରି ତଥ୍ୟ ସମ୍ବଳିତ ରିପୋର୍ଟ ଆୟୁଷ ବିଭାଗ ନିକଟରେ ଦାଖଲ କରିଥିଲେ। ସେ ଏହି ରିପୋର୍ଟରେ ନାମଲେଖା କେଲେଙ୍କାରି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହାସତ୍ତ୍ୱେ ବେଆଇନ ନାମଲେଖା ପଛର ସମ୍ପୃକ୍ତ ବିଭାଗୀୟ ଅଧିକାରୀ, କଲେଜର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସେମାନଙ୍କୁ ଅନୁକମ୍ପା ଦେଖାଯାଉଛି। ଶରତ ଦାଖଲ କରିଥିବା ରିପୋର୍ଟରେ ନାମଲେଖା ସମ୍ପୂର୍ଣ୍ଣଭାବେ ବେଆଇନ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିବାବେଳେ ଆୟୁଷ ବିଭାଗ କାହା ଚାପରେ ଏବଂ କାହିଁକି କାର୍ଯ୍ୟାନୁଷ୍ଠାନରେ ପଛଘୁଞ୍ଚା ଦେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଥାଉ କି, ୨୦୨୦-୨୧ ଶିକ୍ଷା ବର୍ଷ ବ୍ୟାଚରେ ବେଆଇନଭାବେ ପାଠପଢ଼ା ସୁଯୋଗ ଦିଆଯିବା ସହ ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍ୟାଙ୍କ କାର୍ଡ ଏବଂ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଲିଭିଂ ସାର୍ଟିଫିକେଟ(ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଜଣେ ଅଭିଯୋଗକାରୀ ଆୟୁଷ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୬-୧୭ ଏବଂ ୨୦୧୭-୧୮ ବ୍ୟାଚ୍‌ରେ ମଧ୍ୟ ଅନୁରୂପ ଭାବେ ୩ଜଣ ବିନା ଏନ୍‌ଇଇଟି ର୍ୟାଙ୍କ ଏବଂ ଓଜେଇ ଆଲର୍ଟ ନମ୍ବରରେ ନାମ ଲେଖାଇଥିବା ନେଇ ଜଣାପଡ଼ିଥିଲା। ତେବେ ଏହି ବେଆଇନ ନାମଲେଖା ପଛରେ କଲେଜଠାରୁ ଉପରସ୍ତର ପର୍ଯ୍ୟନ୍ତ ଏକାଧିକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆୟୁଷ ନିର୍ଦ୍ଦେଶକ ପ୍ରେମଜିତ ନାୟକ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟରକୁ ଶ୍ରେଷ୍ଠ ପୁରସ୍କାର

ଭୁବନେଶ୍ୱର, ୧୯ ।୩(ଅସମାପିକା ସାହୁ)

ଇନ୍ଦୋରଠାରେ ଆୟୋଜିତ ନ୍ୟାଶନାଲ ରିଜିଓନାଲ କାଉନ୍ସିଲ ଆଣ୍ଡ୍ ଚାପ୍ଟର୍ସ ମିଟ୍‌ରେ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏମ୍ଏଆଇ) ଭୁବନେଶ୍ୱର ଚାପ୍ଟରକୁ ଏହାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ 'ସର୍ବଶ୍ରେଷ୍ଠ ଚାପ୍ଟର୍ସ ପୁରସ୍କାର' ପ୍ରଦାନ କରାଯାଇଛି। ଆଇସିଏମ୍ଏଆଇକୁ କ୍ରମାଗତ ଭାବେ ୨୩ଥର ଧରି ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଚେୟାରମ୍ୟାନ ସିଏମ୍ ସୂର୍ଯ୍ୟନାରାୟଣ ତ୍ରିପାଠୀ, ସେକ୍ରେଟାରି ସିଏମ୍ ରମେଶ ଚନ୍ଦ୍ର ପାତ୍ର ଏହି ପୁରସ୍କାରକୁ ଆଇସିଏମ୍ଆଇର କାଉନସିଲ ସଦସ୍ୟ, କୋଷାଧ୍ୟକ୍ଷ ସିଏମ୍ ଦାମୋଦର ମିଶ୍ର, ଇଆଇଆରସି ଏବଂ ଆଇସିଏମ୍ଆଇ-ଇଆଇଆରସିର ଅନ୍ୟାନ୍ୟ ଆଞ୍ଚଳିକ ପରିଷଦ ସଦସ୍ୟଙ୍କ ଉପସ୍ଥିତିରେ ଗ୍ରହଣ କରିଥିଲେ। ଏହି ଅବସରରେ ଚେୟାରମ୍ୟାନ ଏବଂ ସେକ୍ରେଟାରି ସମସ୍ତଙ୍କ ସମର୍ଥନ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି।

### ଅଭିଯୁକ୍ତ ବାବୁ ଜେନା ପୁଣି ଗିରଫ

### ଜାଗମରା ରାସ୍ତାରେ ଗୋଷ୍ଠୀ ସଂଘର୍ଷ ଘଟଣା

ଭୁବନେଶ୍ୱର, ୧୯ ।୩ (ସୂର୍ଯ୍ୟକାନ୍ତ ବେହେରା)



ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ନୂଆ ରାସ୍ତାରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ମାମଲାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଗଣ୍ଡମୁଣ୍ଡା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ବିଭୁ ପ୍ରସାଦ ଜେନା ଓରଫ ବାବୁ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବାବୁଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ଏୟାରପୋର୍ଟ, ଖଣ୍ଡଗିରି, ନୟାପଲ୍ଲୀ, କ୍ୟାପିଟାଲ, ଓ ଖାରବେଳନଗର ଥାନାରେ ୯ଟି ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି ।

ସୂଚନାନୁସାରେ, ଗତ ଜାନୁଆରୀ ୩୦ ତାରିଖ ରାତି ସାଢେ ୯ଟାରେ ଅଭିଯୋଗକାରୀ ବିଭୂତି ଭୁଷଣ ସିଂହଙ୍କ ପୁଅ ବିଶ୍ୱ ତାଙ୍କର ବନ୍ଧୁ ଶୁଭମ ଓ ଅନ୍ୟ ସାଙ୍ଗଙ୍କ ସହିତ ଏକ ଫୁଡ୍‌କୋର୍ଟରୁ ଫେରୁଥିଲେ। ପୂର୍ବ ବିବାଦକୁ କେନ୍ଦ୍ର କରି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବାବୁଙ୍କ ପ୍ରରୋଚନାରେ ତାଙ୍କର ସହଯୋଗୀମାନେ ମାରଣାସ୍ତ୍ର ଧରି ଜାଗମରା ରାସ୍ତାର ଗୋଲ୍ଡେନ ଚିଲ୍ଲି ଓ ଟପୋରି ଟାଇମ ନିକଟରେ ବିଶ୍ୱ ଓ ତାଙ୍କ ସାଙ୍ଗମାନଙ୍କୁ ଅଟକାଇବା ସହ ଆକ୍ରମଣ କରିଥିଲେ। ଯାହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରିକି ରାସ୍ତାରେ ଯାଉଥିବା ଲୋକଙ୍କ ଗାଡ଼ି ଭାଙ୍ଗି ସେମାନଙ୍କୁ ଭୟଭୀତ କରାଇ ଆତଙ୍କ ସୃଷ୍ଟି କରିଥିଲେ । ଏହି ଘଟଣାରେ ପୂର୍ବରୁ କିଛି ଯୁବକଙ୍କୁ ପୋଲିସ ଗିରଫ କରିଥିଲା।

# ପୂର୍ବ ଶତ୍ରୁତାରୁ ଅକ୍ଷୟଙ୍କୁ କରାଯାଇଥିଲା ହତ୍ୟା

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ବାଲିପାଟଣା (ଅଭିମନ୍ୟୁ ନାୟକ)୧୯।୩



ଗିରଫ ଅଭିଯୁକ୍ତମାନେ।

**ବାଲିପାଟଣା ହତ୍ୟା ଘଟଣାର ପର୍ଦ୍ଦାଫାଶ**

- ନାବାଳକଙ୍କ ସମେତ ୧୦ ଧରା ପଡ଼ିଲେ: ପଥର, ଛୁରି ଓ ବାଡ଼ି ଜବତ
- ଫେରାର ମୁଖ୍ୟ ଅଭିଯୁକ୍ତ ଦିଲୁ ଭୋଇଙ୍କୁ ଖୋଜୁଛି ପୋଲିସ

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ ନୂଆସାହି ବଜାର ନିକଟ ମହଲାସାହି ଗ୍ରାମର ଅକ୍ଷୟ ମାଝିଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ୍ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଡିସିପି ପ୍ରତୀକ ସିଂ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ୯ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଅପରାଧରେ ବ୍ୟବହୃତ ଗୋଟିଏ ପଥର, ଛୁରି ଓ ବାଡ଼ି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅଞ୍ଚଳର ବଳରାମ ପଲେଇ(୪୫), ସୁନୀଲ ପଲେଇ (୨୫), ବିଦେଶୀ ପଲେଇ(୩୦), ନବକିଶୋର ପଲେଇ(୨୧), କେଦାରନାଥ ପଲେଇ (୬୧), କାଳନ୍ଦୀ ପଲେଇ (୩୫), ସଂଯୁକ୍ତା ପଲେଇ (୩୦), ରମାମଣି ପଲେଇ (୫୦) ଏବଂ କାଳନ୍ଦୀ ଭୋଇ (୪୮)। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ତେବେ ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଧରାପଡ଼ିଥିବା ଜଣେ ଅଭିଯୁକ୍ତ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ମୁଖ୍ୟ ଅଭିଯୁକ୍ତ ଦିଲୁ ଭୋଇ ଏବେ ବି ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି ବୋଲି ଡିସିପି କହିଛନ୍ତି।

ପୋଲିସ ସୂଚନାଯାୟୀ, ଫେରାର ଅଭିଯୁକ୍ତ ଦିଲୁ ଶ୍ରାବଣୀଙ୍କୁ ଅଶ୍ଳୀଳ ମେସେଜ ପଠାଇବା ସହ ବାରମ୍ବାର ହଇରାଣ କରୁଥିଲେ। ଏନେଇ ଶ୍ରାବଣୀ ଘଟଣା ସମ୍ପର୍କରେ ସ୍ୱାମୀ ଅକ୍ଷୟଙ୍କୁ ଜଣାଇଥିଲେ। ପରେ ଅକ୍ଷୟ ସମ୍ପୃକ୍ତ ଯୁବକଙ୍କୁ ତାଗିଦା କରିଥିଲେ। ତେବେ ଏହି ଘଟଣାକୁ ନେଇ ୧୦ଦିନ ପୂର୍ବେ ବାଲକାଟୀ ଫାଣ୍ଡି ଅଞ୍ଚଳରେ ସମ୍ପୃକ୍ତ ଯୁବକ ଓ ଅକ୍ଷୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ପରେ ଫାଣ୍ଡିରେ ଆପୋସ ସମାଧାନ କରାଯାଇଥିଲା। ହେଲେ ଅଭିଯୁକ୍ତ ଯୁବକ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ରବିବାର ରାତିରେ ସମ୍ପୃକ୍ତ ଯୁବକ ଓ ତାଙ୍କର କେତେଜଣ ସହଯୋଗୀ ନୂଆସାହି ବଜାରରେ ଅକ୍ଷୟ ବସିଥିବା ବେଳେ ତାଙ୍କୁ ସଂଘବଦ୍ଧଭାବେ ନିସ୍ତୁକ ମାଡ଼ ମାରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ଅକ୍ଷୟଙ୍କୁ ମୃତ ଭାବି ଏକ ନିଛାଟିଆ ସ୍ଥାନରେ ଫିଙ୍ଗିଦେଇ ପଳାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅକ୍ଷୟ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସୋମବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶ୍ରାବଣୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୦/୨୪) ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିଲା।

# ଆଜି ବିଶ୍ୱ ଘରଚଟିଆ ଦିବସ

ପୁରୁଣା ଭୁବନେଶ୍ୱର, ୧୯।୩(ସୁବାସ ଚନ୍ଦ୍ର ପ୍ରଧାନ)

ବୁଧବାର ବିଶ୍ୱ ଘରଚଟିଆ ଦିବସ। ଚଳିତବର୍ଷର ଥିମ୍ ରହିଛି 'ଗିଭ୍ ଦେମ୍ ଏ ଟୁଇଟ୍ ଚ୍ୟାନ୍ସ', ଆଇ ଲଭ୍ ସ୍ପାରୋ ଆଣ୍ଡ ଉଇ ଲଭ୍ ସ୍ପାରୋ। ପ୍ରକୃତି ଓ ଜୈବ ବିବିଧତାର ଅନନ୍ୟ ସୃଷ୍ଟି ହେଉଛି ଘରଚଟିଆ। ଘରେ ରହିବାକୁ ପସନ୍ଦ କରୁଥିବା ଘରଚଟିଆ ଏବେ ଖୋଜୁଛି ଘର। ବର୍ତ୍ତମାନର ସନ୍ତୁଳିତ ପରିବେଶ ଭିତରେ ଏମାନେ ନିଜକୁ ଖାପଖୁଆଇ ଚଳିବା କଷ୍ଟକର ହୋଇପଡିଛି। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଚାଳ ଛପର ଘର ନ ଥିବାରୁ ଯେଉଁଥିପାଇଁ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ଆଉ ଶୁଭୁନାହିଁ ସେମାନଙ୍କର କିଚିରି ମିଚିରି ଶବ୍ଦ। ଏବେ କାଁ ଭାଁ ଏକାକୀ ବିଚରଣ କରୁଥିବାର ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ପରିବେଶବିତ୍



ସୁଶାନ୍ତ ସାହୁ ଏହି ଛୋଟ ପକ୍ଷୀମାନଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଘର ଆଗରେ କୃତ୍ରିମ ବସା ଲଗାନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି। ନଚେତ୍ ଆଗାମୀ ଦିନରେ ଏମାନଙ୍କ ବଂଶ ଲୋପ ପାଇଯିବ। ଲୋକମତ ଅନୁସାରେ ଘର ଆଗରେ ଘରଚଟିଆ ବସାଟିଏ ଥିଲେ ଶୁଭ ହୋଇଥାଏ। ଛୋଟ ପକ୍ଷୀଟିଏ ହେଲେ ମଧ୍ୟ ପ୍ରକୃତି ଓ ମଣିଷ ସମାଜ ପାଇଁ ଏହାର ଅବଦାନ ଅତୁଳନୀୟ।

## ରାଇଟ୍ସ ଇସିଆର୍‌ପିଓ ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର, ୧୯।୩(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ରାଇଟ୍ସ ଇସିଆର୍‌ପିଓ ପକ୍ଷରୁ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରେଲୱେ ଇନ୍‌ଡୋର ଷ୍ଟାଡିୟମ ଏବଂ କ୍ରିକେଟ ଷ୍ଟାଡିୟମରେ ଆୟୋଜିତ ଏହି ମହୋତ୍ସବରେ ଇନ୍‌ଡୋର ଓ ଆଉଟ୍‌ଡୋର କ୍ରୀଡ଼ା ମହୋତ୍ସବର ଏକ ଅପୂର୍ବ ଗତିଶୀଳ ମିଶ୍ରଣ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଏକ ପ୍ରେରଣାଦାୟକ ବାର୍ତ୍ତା ଯାଇଥିଲା, ଯେଉଁଥିରେ ସାମଗ୍ରିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ବଜାୟ ରଖିବାରେ କ୍ରୀଡ଼ାର ଅବଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଇଟ୍ସ ଇସିଆର୍‌ପିଓର ଆଞ୍ଚଳିକ ମୁଖ୍ୟ ଅନୀଲ ପ୍ରକାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପୂର୍ବତଟ ରେଳପଥ ଏଜିଏମ୍ ଏମ୍.କେ. ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ବଦା କ୍ରୀଡ଼ା ମନୋଭାବ ପ୍ରଦର୍ଶନ କରିବା ଉଚିତ ବୋଲି ଉଦବୋଧନରେ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା।

# ସତ୍ତ୍ରିୟା ନୃତ୍ୟଶିଳ୍ପୀ ଅନୀତା ଶର୍ମାଙ୍କୁ 'ମାହାରୀ ସମ୍ମାନ'

ଭୁବନେଶ୍ୱର, ୧୯।୩ (ବନ୍ଦନା ସେଠୀ)

**ସରିଲା ଗୁରୁ ପଙ୍କଜ ଉତ୍ସବ**



ଆଦିଗୁରୁ ପଙ୍କଜଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ପ୍ରଦାନ ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସତ୍ତ୍ରିୟା ନୃତ୍ୟଶିଳ୍ପୀ ଅନୀତା ଶର୍ମାଙ୍କୁ ଚଳିତ ବର୍ଷର 'ମାହାରୀ ସମ୍ମାନ' ପ୍ରଦାନ କରାଯିବା ସହ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରୋତ୍ସାହନ ଭାବେ ଦିଆଯାଇଥିଲା। ସନ୍ଧ୍ୟାର କାର୍ଯ୍ୟକ୍ରମରେ ଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଉପମହାପ୍ରବନ୍ଧକ ମନୋଜ କୁମାର ସିଂହ, ପରିଚୟ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ଡ. ରୋଜାଲିନ୍ ପାଟ୍ଟଶାଣୀ ମିଶ୍ର, ସଭାପତି ବଟକୃଷ୍ଣ ତ୍ରିପାଠୀ ଓ ନିର୍ଦ୍ଦେଶକ ଗୁରୁ ଶରତ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତି ଥିଲା ଅନୀତା ଶର୍ମାଙ୍କ ସତ୍ତ୍ରିୟା ନୃତ୍ୟରେ 'କୃଷ୍ଣ ବନ୍ଦନା' ଓ 'ଲୀଳା ପୁରୁଷୋତ୍ତମ'। ଉଭୟ ରାମ ଓ କୃଷ୍ଣଲୀଳାର ପ୍ରସଙ୍ଗକୁ ଭାବ ଓ ଭକ୍ତିରେ ପରଷି ଦେଇଥିଲେ ଶିଳ୍ପୀ ଅନୀତା। ଦ୍ୱିତୀୟ ଚରଣରେ ଶିଳ୍ପୀ ଶାଶ୍ୱତ ଯୋଶୀ ଆଦିଗୁରୁଙ୍କ ମୂଳ ସଂଯୋଜିତ ତଥା ଶରତ ଦାସଙ୍କ ପୁନର୍ବିନ୍ୟାସରେ ଆଦୃତ ରସ ପଞ୍ଚକକୁ ପରିବେଷଣ କରିଥିଲେ। ପରେ ପରେ ନୃତ୍ୟାଙ୍ଗନା ସ୍ୱରଲିପି ରାୟ ଶୁଦ୍ଧ ବସନ୍ତ ପଲ୍ଲବୀ ଓ ଅଭିନୟ 'ମୋ କୃଷ୍ଣ ପରି ଏ ଗୋପରେ କେ ହେବ ସରି' ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀ ଦିବ୍ୟଦର୍ଶିନୀ ସୂପକାରଙ୍କ ଶୁଦ୍ଧନୃତ୍ୟ ଆରଭୀ ପଲ୍ଲବୀ ଓ ଅଭିନୟ 'ସଜନୀ ବୁଡିଗଲି ଲାଜରେ' ଖୁବ୍ ମନଛୁଆଁ ହୋଇଥିଲା। ସେହିପରି ଶିଳ୍ପୀ ସ୍ୱୟଂପ୍ରଭା ସାହୁଙ୍କ 'ନାୟିକା'ର ପରିବେଷଣ ଦର୍ଶକଙ୍କୁ ଅଭିଭୂତ କରିଥିଲା। ଗୁରୁ ସୁହାଗ ନଳିନୀ ଦାସ, ସିଦ୍ଧାନ୍ତ ଦାସ ଓ ଗୁରୁ ବିଜୟ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଭିଯୁକ୍ତ ଚନ୍ଦନଙ୍କୁ ୩ ବର୍ଷ ଜେଲ

### ଛିନ୍‌ତାଇ ମାମଲାର ରାୟ ପ୍ରକାଶ

ଭୁବନେଶ୍ୱର, ୧୯ ।୩ (ସୂର୍ଯ୍ୟକାନ୍ତ ବେହେରା)

ମହିଳା କନଷ୍ଟେବଳଙ୍କ ବେକରୁ ସୁନାଚେନ ଛିନ୍‌ତାଇ ମାମଲାରେ ଭୁବନେଶ୍ୱରସ୍ଥିତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୫ରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ବିଚାରପତି ସବ୍ୟସାଚୀ ପଣ୍ଡା ମାମଲାର ଶୁଣାଣି କରି ଅଭିଯୁକ୍ତ ଚନ୍ଦନ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ଓ ୧୫ଟି ଦସ୍ତାବିଜକୁ ଆଧାର କରି ବିଚାରପତି ଏହି ରାୟ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଏପ୍ରିଲ ୨୮ ତାରିଖ ରାତି ୯ଟାରେ ପୋଲିସ କନଷ୍ଟେବଳ ମିନତିବାଳା ଦଳେଇ ଡ୍ୟୁଟି ସାରି ବରମୁଣ୍ଡାରୁ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ବରମୁଣ୍ଡା ଓଭରବ୍ରିଜ ଉପରେ ୨ଜଣ ଅଜଣା ବ୍ୟକ୍ତି ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଫଳରେ ମିନତିବାଳା ତଳେ ପଡିଯିବାରୁ ଆହତ ହୋଇଥିଲେ। ଏନେଇ ତାଙ୍କ ଏତଲା ଆଧାରରେ ଖଣ୍ଡଗିରି ଥାନା ପୋଲିସ ଏକ କେସ୍ (ନଂ-୧୮୪/୨୦୨୩) ରୁଜୁ କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ମାମଲା ପରିଚାଳନା କରୁଥିଲେ।

## ପାଣ୍ଡରାରେ ହଟିଲା ଜବରଦଖଲ



ଭୁବନେଶ୍ୱର, ୧୯।୩ (ବନ୍ଦନା ସେଠୀ)

**୦.୬୮୦ ଡିସିମିଲ ସରକାରୀ ଜମି ଉଚ୍ଛେଦ୍ କଲା ବିଡିଏ**

ପାଣ୍ଡରା ମୌଜା ଅନ୍ତର୍ଗତ ଖାତା ନମ୍ବର-୧୩୫୨ ପ୍ଲଟ ନଂ-୩୭୨୪, ୩୭୨୫ରେ ହୋଇଥିବା ଜବରଦଖଲକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଉଚ୍ଛେଦ କରାଯାଇଛି। ସେହି ସ୍ଥାନରେ ପୋଲିସ ହାଉସିଂ କର୍ପୋରେଶନ ନିର୍ମାଣ କରାଯିବ। ଜିଏର ରିକ୍ୟୁଜିଶନ କ୍ରମେ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ପାଣ୍ଡରା ମୌଜାରେ ପହଞ୍ଚିଥିଲା। ସେଠାରେ କେତେଜଣ ବ୍ୟକ୍ତି ସରକାରୀ ଜାଗା ମାଡ଼ିବସି ପୁରୁଣା ଗାଡ଼ି ଶୋ'ରୁମ୍ କରିଥିଲେ। ଏହାସହ ଆଉ କେତେଜଣ ବ୍ୟକ୍ତି ଦୋକାନ ଘର ନିର୍ମାଣ କରି ବ୍ୟବସାୟ କରୁଥିଲେ। ବିଡିଏ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସେଠାରେ ୩ଟି କ୍ୟାବିନ, ୨ଟି ବାଉଁଶ ନିର୍ମିତ ଦୋକାନ, ୬ଟି ଆଜବେଷ୍ଟସ୍ ନିର୍ମିତ ଦୋକାନ ଓ ୨୦୦ ଫୁଟର ଶୌଚାଳୟ ଭଙ୍ଗାଯାଇଥିଲା। ଏହାଛଡ଼ା ଏକ ପାଚେରି ଓ ପୁରୁଣା ଗାଡ଼ି ଶୋ'ରୁମ୍‌କୁ ମଧ୍ୟ ମାଟିରେ ମିଶାଇ ପ୍ରାୟ ୦.୬୮୦ ଡିସିମିଲ ଜମିକୁ ଜବରଦଖଲମୁକ୍ତ କରିଛି ବିଡିଏ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ପୋଲିସ ଫୋର୍ସ ଓ ଏକ ସେକ୍ସନ ମହିଳା ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ଭୁବନେଶ୍ୱର ଆଡ଼ିଶନାଲ ଏସ୍‌ପି ଏ. କେ. ସାହୁ, ବିଡିଏ ଏନଫୋର୍ସମେଣ୍ଟ(ଓଏସ୍‌ଡି) ଦେବରାଜ ସେଠୀ, ବିଡିଏ ଲିଆଇସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ମଞ୍ଚେଶ୍ୱର ଥାନା ଇନ୍ସପେକ୍ଟର ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ରେଡ୍ ସିଗ୍‌ନାଲ ମାନିଲେନି: ୨୦ ଗାଡ଼ି ଜବତ

ଭୁବନେଶ୍ୱର, ୧୯ ।୩ (ସୂର୍ଯ୍ୟକାନ୍ତ ବେହେରା)




ଟ୍ରାଫିକ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସଚେତନ କରାଯିବା ସହ ମଦ୍ୟପ ଏବଂ ଅମାନିଆ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତଥାପି ବେଳେବେଳେ ଅନେକ ଚାଳକ ରେଡ୍ ସିଗ୍‌ନାଲ ମାନୁ ନ ଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ଭୁବନେଶ୍ୱରର କେତେକ ଟ୍ରାଫିକ ପୋଷ୍ଟରେ ରେଡ୍ ସିଗ୍‌ନାଲ ନ ମାନି ରାସ୍ତା ଅତିକ୍ରମ କରିବା ଗାଡ଼ିଚାଳକଙ୍କୁ ମହଙ୍ଗା ପଡ଼ିଛି। ରେଡ୍ ସିଗ୍‌ନାଲ ନ ମାନିବାରୁ ୨୦ଟି ଗାଡ଼ି ଜବତ କରାଯାଇଛି। ଭୁବନେଶ୍ୱର ଟ୍ରାଫିକ ଡିସିପି ପି.କେ. ରାଉତ କହିଛନ୍ତି ଯଦି ଏବେଠୁ ଟ୍ରାଫିକ ପୋଷ୍ଟରେ ରେଡ୍ ସିଗ୍‌ନାଲ ବେଳେ କୌଣସି ଚାଳକ ରାସ୍ତା ପାର ହୁଅନ୍ତି ତା'ହେଲେ ଜରିମାନା ଗଣିବେ। ତାଙ୍କର ଗାଡ଼ି ଜବତ କରାଯିବା ସହ ୩ ମାସ ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯିବ। ଗାଡ଼ି ପାଇଁ ସମ୍ପୃକ୍ତ ଚାଳକଙ୍କୁ କୋର୍ଟକୁ ଯିବାକୁ ପଡ଼ିବ।

ଅମାନିଆ ଚାଳକଙ୍କୁ ସାବାଡ଼୍ କରିବା ପାଇଁ ଭୁବନେଶ୍ୱର ଟ୍ରାଫିକ ପୋଲିସ ପକ୍ଷରୁ କଡ଼ାକଡ଼ି ନିୟମ କରାଯାଇଛି। ଅମାନିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବାକୁ ନଜର ରଖି ଏଭଳି ପଦକ୍ଷେପ ନିଆଯିବ ବୋଲି ରାଉତ ପ୍ରକାଶ କରିଛନ୍ତି।

# ୨ କିରାଣିଙ୍କୁ ଜେରା, ପୂର୍ବତନ କଲେଜ ଅଧକ୍ଷଙ୍କୁ ନୋଟିସ

ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)

**ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବେଆଇନ ଭାବେ ନାମଲେଖା ପ୍ରସଙ୍ଗ**



ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ନକଲି ସାର୍ଟିଫିକେଟ ଦେଇ ଡାକ୍ତରୀ ପାଠ ପଢୁଥିବା ଘଟଣାରେ କଲେଜର ୨ଜଣ କିରାଣି ତାରାପ୍ରସାଦ ମହାପାତ୍ର ଏବଂ ବସନ୍ତ ସାମନ୍ତରାୟଙ୍କୁ ରାଜ୍ୟ ଆୟୁଷ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ନିକଟରେ ଜେରା କରିଛି। ଉଭୟ ତାରା ଓ ବସନ୍ତ ନିଜ ପକ୍ଷ ରଖିଛନ୍ତି। ତେବେ ବସନ୍ତ ଦାଖଲ କରିଥିବା ରିପୋର୍ଟରେ ଆୟୁଷ ନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଥିବାବେଳେ ତାଙ୍କୁ ପୁଣିଥରେ ନିଜ ପକ୍ଷ ରଖିବାକୁ ସମୟ ଦେଇଛନ୍ତି। ଖୁବ୍‌ଶୀଘ୍ର ପୂର୍ବତନ କଲେଜ ଅଧକ୍ଷ ସୁଦର୍ଶନ ବେହେରା ଜେରାର ସମ୍ମୁଖୀନ ହେବେ। ଏନେଇ ତାଙ୍କୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ନକଲି ସାର୍ଟିଫିକେଟ ଦେଇ ଡାକ୍ତରୀ ପାଠ ପଢୁଥିବା ନେଇ 'ଧରିତ୍ରୀ'ରେ ବିଭିନ୍ନ ତଥ୍ୟ ସମ୍ବଳିତ ଖବର ପ୍ରକାଶ ପରେ ଆୟୁଷ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ୨୦୨୩ ମେ' ୫ତାରିଖରେ ଆୟୁଷ ବିଭାଗର ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ର ଉକ୍ତ କଲେଜରେ ସରଜମିନ ତଦନ୍ତ କରି ତଥ୍ୟ ସମ୍ବଳିତ ରିପୋର୍ଟ ଆୟୁଷ ବିଭାଗ ନିକଟରେ ଦାଖଲ କରିଥିଲେ। ସେ ଏହି ରିପୋର୍ଟରେ ନାମଲେଖା କେଳେଙ୍କାରି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହାସତ୍ତ୍ୱେ ବେଆଇନ ନାମଲେଖା ପଛର ସମ୍ପୃକ୍ତ ବିଭାଗୀୟ ଅଧିକାରୀ, କଲେଜର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସେମାନଙ୍କୁ ଅନୁକମ୍ପା ଦେଖାଯାଉଛି। ଶରତ ଦାଖଲ କରିଥିବା ରିପୋର୍ଟରେ ନାମଲେଖା ସମ୍ପୂର୍ଣ୍ଣଭାବେ ବେଆଇନ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିବାବେଳେ ଆୟୁଷ ବିଭାଗ କାହା ଚାପରେ ଏବଂ କାହିଁକି କାର୍ଯ୍ୟାନୁଷ୍ଠାନରେ ପଛଘୁଞ୍ଚା ଦେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଥାଉ କି, ୨୦୨୦-୨୧ ଶିକ୍ଷା ବର୍ଷ ବ୍ୟାଚରେ ବେଆଇନଭାବେ ପାଠପଢ଼ା ସୁଯୋଗ ଦିଆଯିବା ସହ ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍ୟାଙ୍କ କାର୍ଡ ଏବଂ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଲିଭିଂ ସାର୍ଟିଫିକେଟ(ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଜଣେ ଅଭିଯୋଗକାରୀ ଆୟୁଷ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୬-୧୭ ଏବଂ ୨୦୧୭-୧୮ ବ୍ୟାଚ୍‌ରେ ମଧ୍ୟ ଅନୁରୂପ ଭାବେ ୩ଜଣ ବିନା ଏନ୍‌ଇଇଟି ର୍ୟାଙ୍କ ଏବଂ ଓଜେଇ ଆଲର୍ଟ ନମ୍ବରରେ ନାମ ଲେଖାଇଥିବା ନେଇ ଜଣାପଡ଼ିଥିଲା। ତେବେ ଏହି ବେଆଇନ ନାମଲେଖା ପଛରେ କଲେଜଠାରୁ ଉପରସ୍ତର ପର୍ଯ୍ୟନ୍ତ ଏକାଧିକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆୟୁଷ ନିର୍ଦ୍ଦେଶକ ପ୍ରେମଜିତ ନାୟକ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ସଂକ୍ଷେପରେ**

## ଦୁର୍ଘଟଣାରେ ଯୁବକ ମୃତ, ଉତ୍ତେଜନା

ଚୌଦ୍ୱାର,୧୯।୩(ଆଶୁତୋଷ ଦାସ)

୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ଅଧୀନ ଧୁମାବତୀ ଛକ ନିକଟରେ ମଙ୍ଗଳବାର ସକାଳେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ପୌରପାଳିକା ୧୩ନଂ. ୱାର୍ଡ ଅଧୀନ ପାଇକରାପୁର ଗ୍ରାମର ସୋମନାଥ ସ୍ୱାଇଁ। ସେ ସକାଳୁ ବାଇକ୍‌ରେ ସ୍ଥାନୀୟ ଏକ କମ୍ପାନୀକୁ କାମ କରିବାକୁ ଆସୁଥିବାବେଳେ ପଛରୁ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡିଯିବାରୁ ଗାଡି ଚକ ତାଙ୍କ ଉପରେ ଚଢିଯାଇଥିଲା । ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ପଠାଇଥିଲା। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ହେତୁ ଦୁର୍ଘଟଣା ଘଟିଥିବା, ଧୁମାବତୀ ଛକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଓ ପାଇକରାପୁର ଗ୍ରାମବାସୀ ଦାବି କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଗାଡ଼ି ଚଳାଚଳରେ ସମସ୍ୟା ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ପାନୀୟ ଜଳ ପ୍ରକଳ୍ପ ଅଚଳ

■ ପାଣି ପାଇଁ ଲୋକେ ଡହଳ ବିକଳ
■ ଆନ୍ଦୋଳନ କରିବାକୁ ଚେତାବନୀ

ନିଶ୍ଚିନ୍ତକୋଇଲି,୧୯।୩(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ହେବ ଅଚଳ ହୋଇଯାଇଛି। ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗର ଦାୟିତ୍ୱହୀନତା ଓ ଅବହେଳା କାରଣରୁ ଏପରି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ପାନୀୟ ଜଳ ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ଏହାସତ୍ତ୍ୱେ ପାନୀୟ ଜଳ ପ୍ରକଳ୍ପକୁ ସଚଳ କରିବା ପାଇଁ ବିଭାଗୀୟସ୍ତରରେ ପଦକ୍ଷେପ ନିଆଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପ ଉପରେ ବାବୁଜଙ୍ଗ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ସରକାରଙ୍କ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ଅଟକଳ ଅନୁଯାଇ ନିର୍ମାଣ କାର୍ଯ୍ୟ କରି ନଥିବା ଅଭିଯୋଗ ହୋଇଛି। ଏପରିକି ଠିକାଦାର ବିଛାଇଥିବା ପାଇପ୍‌ଲାଇନଗୁଡିକ ବହୁ ସ୍ଥାନରେ ଫାଟି ଯାଇଛି। ସେହିପରିଭାବେ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ପାଇପ ଷ୍ଟାଣ୍ଡଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଯାଇଛି। ଫଳରେ ଏହି ପାନୀୟ ଜଳ ପ୍ରକଳ୍ପଟି ଅଚଳ ହୋଇଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରାଯାଇଛି। ଗତ କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ଅହେତୁକ ଭାବେ ତାପମାତ୍ରା ବୃଦ୍ଧି ପାଇଛି। ଅସହ୍ୟ ଗରମ ଓ ଗୁଲୁଗୁଲି ଅନୁଭୂତ ହେଉଛି। ଭୂତଳ ଜଳସ୍ତର ନିମ୍ନଗାମୀ ହୋଇ ପଡିଛି। ଫଳରେ ନଦୀ କୂଳରେ ଥିବା ଏହି ପଞ୍ଚାୟତରେ ଉତ୍କଟ ଜଳାଭାବ ଦେଖାଦେଇଛି। ଜନ ସାଧାରଣଙ୍କ ସହ ପାନୀୟ ଜଳ ନିମନ୍ତେ ଛେଳି, ମେଣ୍ଢା ଓ ଗୋରୁ ମଧ୍ୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ପାନୀୟ ଜଳ ପ୍ରକଳ୍ପକୁ ସଚଳ କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି। ନଚେତ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ସତ୍ୟରଞ୍ଜନ ଭୋଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ ଉଠାଇ ନ ଥିଲେ।



ଅଚଳ ହୋଇଯାଇଥିବା ପାନୀୟଜଳ ପ୍ରକଳ୍ପ।



ଫାଟିଯାଇଥିବା ପାଇପ୍ ଲାଇନ୍।

## ସାଲେପୁର ବିଜେଡି ସଙ୍ଗଠକଙ୍କ ନାମରେ ଗଞ୍ଜେଇ ଚାଲାଣ ଗୁଜବ

■ ସାଇବର ଥାନାରେ ଅଭିଯୋଗ
■ ଖବରଦାତା ସମ୍ମିଳନୀରେ ଖଣ୍ଡନ

ସାଲେପୁର,୧୯।୩(ଅରବିନ୍ଦ ଭୂୟାଁ)



ହିମାଂଶୁ କୁମାର ମହାନ୍ତି

ସାଲେପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଯୁବ ସଂଗଠକ ତଥା ଲୋକସେବକ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ହିମାଂଶୁ କୁମାର ମହାନ୍ତିଙ୍କ ନାମରେ ସାମାଜିକ ଗଣମାଧ୍ୟମରେ ଏକ ମିଥ୍ୟା ଗୁଜବ ପ୍ରକାଶ ପାଇଥିବା ଅଭିଯୋଗ ହୋଇଛି। ଏନେଇ ମହାନ୍ତି ସାଇବର ଥାନାର ଦ୍ୱାରସ୍ଥ ହେବା ସହ ବାସଭବନରେ ଖବରଦାତା ସମ୍ମିଳନୀ ଡାକି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସାମାଜିକ ଗଣମାଧ୍ୟମରେ ତାଙ୍କ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ କମିଶନରେଟ ପୋଲିସ ଦ୍ୱାରା ଜବତ କରାଯାଇଥିବା ନେଇ ପଚାର କରାଯାଉଛି। ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହି ନିନ୍ଦା କରିବା ସହ ରାଜନୈତିକ ଜୀବନରେ କଳାଦାଗ ଲଗାଇବାକୁ ବିରୋଧୀ ଏଭଳି ହୀନଉଦ୍ୟମ କରୁଛନ୍ତି। ଏବେବି ତାଙ୍କର ଗାଡ଼ି ତାଙ୍କ ଘରେ ଥିବାବେଳେ ସେ ମଧ୍ୟ କେଉଁଠାରେ ଗିରଫ ହୋଇନାହାଁନ୍ତି ବୋଲି ଖବରଦାତା ସମ୍ମିଳନୀରେ କହିଛନ୍ତି। ହିମାଂଶୁ ଚଳିତ ନିର୍ବାଚନରେ ସାଲେପୁର ବିଜେଡି ପ୍ରାର୍ଥୀ ହେବାକୁ ଆଶାୟୀ ରହିଛନ୍ତି। ଏନେଇ ସେ ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକମାନଙ୍କ ସହ ସମ୍ପର୍କ ରଖିଆସୁଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହଯୋଗରେ ସେ ସାଲେପୁର ଲୋକମାନଙ୍କର ସେବା କରିବାପାଇଁ ଆଗେଇ ଆସିଥିବା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ନେତା ଧ୍ରୁବଚରଣ ମହାନ୍ତି, ଦେବାଶିଷ ମଲ୍ଲିକ, ବିଶ୍ୱଜିତ୍ ଷଡ଼ଙ୍ଗୀଙ୍କ ସମେତ ବହୁ ନେତା ଉପସ୍ଥିତ ରହି ମିଥ୍ୟା ଗୁଜବକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

## ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ସମସ୍ତ କର୍ମକର୍ତ୍ତା ଅପ୍ରତିଦ୍ୱନ୍ଦ୍ୱୀ

### ବଡ଼ମ୍ବା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

ବଡ଼ମ୍ବା,୧୯।୩(ମାୟାଧର ମଲ୍ଲିକ )

କଟକ ଜିଲା ବଡ଼ମ୍ବା ଓକିଲ ସଂଘର ନୂତନ କର୍ମକର୍ତ୍ତା ପାଇଁ ମଙ୍ଗଳବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଅନୁଯାୟୀ ସମସ୍ତ କର୍ମକର୍ତ୍ତା ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ଜଣାଯାଇଛି। ଏଥିରେ ସଭାପତି ଭାବେ ସଂଘର ବରିଷ୍ଠ ଓକିଲ ସନ୍ତୋଷ କୁମାର ପଟ୍ଟନାୟକ, ଉପସଭାପତି ଦିଲୀପ କୁମାର ସାମନ୍ତ, ସମ୍ପାଦକ ମନୋଜ କୁମାର ପଣ୍ଡା, ସହ ସମ୍ପାଦକ ଶ୍ରୀଧର ମହାନ୍ତି, ଗ୍ରନ୍ଥାଗାରିକ ସୁଦାମ ଚାରଣ ନାୟକ ଓ କୋଷାଧ୍ୟକ୍ଷଭାବେ ସଞ୍ଜୁଲତା ଦେଇ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଲକ୍ଷ୍ମୀପ୍ରିୟା ପାଳ, ପ୍ରଭାତ ରଞ୍ଜନ ବଳିଆରସିଂହ, ବନତାନନ୍ଦ ଆଚାର୍ଯ୍ୟ ଓ ଶିଶିର କୁମାର ପଲେଇ ପ୍ରମୁଖ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ତେବେ ଔପଚାରିକ ଭାବେ ମାର୍ଚ୍ଚ ୩୦ରେ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ଆଇନଜୀବୀ ଅଜିତ ପ୍ରସାଦ ଚୌଧୁରୀ କହିଛନ୍ତି।



ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବିରାଟ କଟକସ୍ଥିତ ମହିମା ଆଶ୍ରମରେ ଚାଲିଥିବା ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ।

## ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

ରଘୁନାଥପୁର,୧୯।୩(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗଥପୁର ପଞ୍ଚାୟତ ବିରାଟ କଟକସ୍ଥିତ ମହିମା ଆଶ୍ରମ ବଡଟୁଙ୍ଗିରେ ମଙ୍ଗଳବାର ୮୧ ତମ ମହିମା ମହୋତ୍ସବ ଓ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପରିଡା ସାହି ଭକ୍ତଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମ ଅବଧୂତ ନକୁଳ ବାବା, ସନ୍ନ୍ୟାସୀ ବାବା, ଲମ୍ବୋଦର ବାବା, ଛାୟାକାନ୍ତ ବାବା, ଉଦ୍ଧବ ବାବା ଓ ସୂର୍ଯ୍ୟମଣି ବାବା ଆହୂତି ପ୍ରଦାନ କରିଥିଲେ। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ବ୍ରହ୍ମଯଜ୍ଞରେ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିବା ସହ ସହଯୋଗ କରିଥିଲେ। ପ୍ରତିବର୍ଷ ଫାଲଗୁନ ଫଗୁ ଦଶମୀରେ ଉକ୍ତ ଉତ୍ସବର ଆୟୋଜନ ହୋଇଥାଏ। ଏହି ଉତ୍ସବରେ ବହୁ ବୃଦ୍ଧାବୃଦ୍ଧ ଓ ଯୁବତୀ, ଯୁବକ ମହିମା ଧର୍ମରେ ଦୀକ୍ଷିତ ହୋଇଥିଲେ। ରାତିରେ ମହିମା ଭଜନ ପରିବେଷଣ କରାଯିବା ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସାଧୁ ଚରଣ ଦାସ, ଅନନ୍ତ ଦାସ, ନଟବର ଦାସ, ସର୍ବେଶ୍ୱର ଦାସ ଓ ଧନେଶ୍ୱର ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଶ୍ରୀରାମ ରାଜ୍ୟ ତୈଳିକ ବୈଶ୍ୟ ସମାଜର ଅଧିବେଶନ



ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ତୈଳିକ ବୈଶ୍ୟ ସମାଜର ନେତୃମଣ୍ଡଳୀ।

ଆଠଗଡ,୧୯।୩(ସତ୍ୟ ପ୍ରସାଦ ରଥ)

ଶ୍ରୀରାମ ରାଜ୍ୟ ତୈଳିକ ବୈଶ୍ୟ ସମାଜର ୨ ଦିନିଆ ତ୍ରୟୋଦଶ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ ଆଠଗଡ଼ ବ୍ଲକ ଜାଗିଆପଡାସ୍ଥିତ ଲକ୍ଷ୍ମୀ ନାରାୟଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ସଦର ବେହେରା ଧରଣୀଧର ସାହୁ ପତାକା ଉତ୍ତୋଳନ କରି ଅଧିବେଶନ ଶୁଭାରମ୍ଭ କରିଥିଲେ। ପ୍ରଥମେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ପରେ ଜାତିର ପ୍ରତୀକ ବୋଇତକୁ ସୁସଜ୍ଜିତ କରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ସ୍ୱଜାତି ଆର୍ଥିକ ଅନଗ୍ରସର ପିଲାମାନଙ୍କୁ ଶିକ୍ଷାବୃତ୍ତି, ଦିବ୍ୟାଙ୍ଗ ଓ ବିଧବାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହାପରେ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାୟୀ ସଦସ୍ୟ ସଦର ବେହେରା ଧରଣୀଧର ସାହୁ, ପ୍ରଦୀପ କୁମାର ସାହୁ ସଭାପତି, ବୈକୁଣ୍ଠବିହାରୀ ସାହୁ ଉପସଭାପତି, ମାୟାଧର ସାହୁ ସମ୍ପାଦକ, ସୁବାସ ଚନ୍ଦ୍ର ସାହୁ-ସହସମ୍ପାଦକ, ଅଭିରାମ ସାହୁ କୋଷାଧ୍ୟକ୍ଷ, ପ୍ରକାଶ କୁମାର ସାହୁ ଉପଦେଷ୍ଟା, ଅଶୋକ କୁମାର ସାହୁ ଶିକ୍ଷା କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

## ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

### ପୁରୀ ବଳିଆପଣ୍ଡା ଭୂତଳ ଜଳ ପ୍ରଦୂଷଣ ମାମଲା

କଟକ,୧୯।୩ (କାର୍ତ୍ତିକ ସାହୁ)

ପୁରୀ ବଳିଆପଣ୍ଡା ଅଞ୍ଚଳରେ ଭୂତଳ ଜଳ ପ୍ରଦୂଷଣ ମାମଲାର ଶୁଣାଣି କରି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପୁରୀ ପୌରପାଳିକାଠାରୁ ଜବାବ ତଲବ କରିଛନ୍ତି। ବଳିଆପଣ୍ଡା ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କ ସମସ୍ୟାର ସମାଧାନ ନିମନ୍ତେ ଜରୁରୀକାଳୀନ ଭିତ୍ତିରେ କ'ଣ ପଦକ୍ଷେପ ନିଆଯାଇଛି ଜଣାଇବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ବଳିଆପଣ୍ଡାଠାରେ ଏକ ବଡ଼ ଡମ୍ପିଂୟାର୍ଡ ରହିଛି। ପୁରୀ ସହରର ବିଭିନ୍ନ ସ୍ଥାନରୁ ଆସୁଥିବା ଆବର୍ଜନାକୁ ଏଠାରେ ପକାଇ ରଖାଯାଉଛି। ଆବର୍ଜନାଗୁଡ଼ିକୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ନିଆ ନ ଯାଇ ସେହିଠାରେ ହିଁ ପୋଡ଼ି ଦିଆଯାଉଛି। ଏହାଦ୍ୱାରା ଜଳ ଓ ବାୟୁ ପ୍ରଦୂଷିତ ହେଉଛି। ଏଠାରେ ବାସ କରୁଥିବା ୪୦୦୦ରୁ ଅଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଲାଗି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା ନାହିଁ। ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ନ ହେବା ଓ ଆବଶ୍ୟକ ଡ୍ରେନେଜ ବ୍ୟବସ୍ଥା ନ ରହିବା କାରଣରୁ ସମ୍ପୃକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏସବୁ ସମସ୍ୟାକୁ ନେଇ ପୁରୀର ସାମାଜିକ କର୍ମୀ ଚିନ୍ମୟ ଦାସ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟି ଏହି ମାମଲାର ଶୁଣାଣି କରି ଉକ୍ତ ଡମ୍ପିଂୟାର୍ଡ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯିବା ଓ ୨୦୨୪ ଶେଷ ସୁଦ୍ଧା ଡମ୍ପିଂୟାର୍ଡ ଖାଲି କରିବାକୁ ପୁରୀ ପୌରପାଳିକା ଏବଂ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମ୍ପୃକ୍ତ ଅଞ୍ଚଳରେ ଭୂତଳ ଜଳର ମାନ ପରୀକ୍ଷା ଲାଗି ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଥିଲା। କେନ୍ଦ୍ରୀୟ ଟିମ୍ ବଳିଆପଣ୍ଡା ଅଞ୍ଚଳର ୨୯ଟି ସ୍ଥାନରୁ ଭୂତଳ ଜଳ ନମୁନା ପରୀକ୍ଷା ପାଇଁ ନେଇଥିଲେ। ନମୁନାଗୁଡ଼ିକର ପରୀକ୍ଷଣ ପରେ ଏହା ପାନୀୟ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଜଣାପଡ଼ିଥିଲା। ଜିଲା ପ୍ରଶାସନ ଓ ପୁରୀ ପୌରପାଳିକା ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଅଫ୍‌ରାଜ ସୁହେଇଲ ମାମଲା ପରିଚାଳନା କରୁଛନ୍ତି।

## ବାଙ୍କୀ ନିର୍ବାଚନମଣ୍ଡଳୀରେ ୨, ୧୭,୭୩୪ ଭୋଟର

ବାଙ୍କୀ,୧୯।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବିଧାନସଭା ଓ ଲୋକ ସଭା ଆସନ ପାଇଁ ମେ' ୨୫ ତାରିଖରେ ଭୋଟଗ୍ରହଣ କରାଯିବ। ଏହି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨, ୧୭,୭୩୪ ଭୋଟର ଥିବା ବେଳେ ସେଥିରୁ ପୁରୁଷ ୧,୧୩,୦୭୩, ମହିଳା ୧,୦୪୬୫୨ ଥିବା ବେଳେ ତୃତୀୟ ଲିଙ୍ଗ ୯ଜଣ ଅଛନ୍ତି। ସମୁଦାୟ ବାଙ୍କୀ ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ୨୩୭ଟି ବୁଥ୍ ସ୍ଥାପନ କରାଯାଇଛି। ଏଥର ୮୦ବର୍ଷରୁ ଉର୍ଦ୍ଧ୍ୱ ୫,୮୧୫ଜଣ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ୪,୨୮୬, ନୂତନ ଯୁବଭୋଟର ୫, ୮୩୨ ଜଣ ଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ବାଙ୍କୀ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ବାଙ୍କୀରେ ସାଧାରଣ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ଏଥିସହ ସମସ୍ତ ଭୋଟର ଭୋଟକେନ୍ଦ୍ରକୁ ଆସି ମତଦାନ କରିବାକୁ ଅନୁରୋଧ କରିଛନ୍ତି।

## ତରୁଣ ସାହୁ ପାଇବେ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ

କଟକ,୧୯।୩ (କାର୍ତ୍ତିକ ସାହୁ)

କଥାକାର ତରୁଣ କୁମାର ସାହୁଙ୍କୁ ଚଳିତବର୍ଷର ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୨୩ ତାରିଖ ସନ୍ଧ୍ୟାରେ କଟକ ସାରଳା ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାରସ୍ୱତ ସାଧକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ନବମ ବାର୍ଷିକୀ ସ୍ମୃତି ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ଏ ସମ୍ପର୍କରେ ସ୍ମୃତି ସଂସଦ ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ ଓ ସମ୍ପାଦିକା କ୍ଷୀରାବ୍ଧି ତନୟା ମହାନ୍ତି ପ୍ରେସ୍ ଇସ୍ତାହାରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ତରୁଣ କୁମାର ସାହୁ ଜଣେ ପ୍ରତିଷ୍ଠିତ କଥାକାର, ପ୍ରାବନ୍ଧିକ, ଅନୁବାଦକ ଓ ଶିଶୁ ସାହିତ୍ୟିକ ଭାବରେ ସୁପରିଚିତ। ସେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି, ସୁଭଦ୍ରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ହୋଇଥିବାବେଳେ ଏବେ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ଝଙ୍କାର (ଗଳ୍ପ ବିଭାଗ)ର ସମ୍ପାଦକ ଅଛନ୍ତି। ତାଙ୍କ ରଚିତ ଅଦମ୍ୟ, ଅବ୍ୟକ୍ତ, ଭାରତ-ଭାରତୀ, ଗାନ୍ଧୀବାଦ ଓ ଅନ୍ୟାନ୍ୟ ଗଳ୍ପ, ପଦନୀ, ବିସ୍ଥାପନ ଓ ଅନ୍ୟାନ୍ୟ ଗଳ୍ପ, ନିର୍ବାଚିତ ଗଳ୍ପ, ଆସରେ ପିଲେ ଗପ ଶୁଣିବା ଆଦି ଗଳ୍ପଗ୍ରନ୍ଥ ବହୁ ପାଠକୀୟ ଆଦୃତ ହୋଇଛି।

## ଯୁବନେତାଙ୍କୁ ସ୍ମୃତିସଭାରେ ଶ୍ରଦ୍ଧାଞ୍ଜଳି




ସ୍ମୃତିସଭାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ,୧୯।୩(ସତ୍ୟ ପ୍ରସାଦ ରଥ)

ଭୁବନେଶ୍ୱର ଧଉଳି ଥାନାସ୍ଥିତ ଶିଶୁପାଳଗଡ଼ଠାରେ ମାର୍ଚ୍ଚ ୯ରେ ଏକ ସଡ଼କ ଦୁର୍ଘଟଣାରେ ଆଠଗଡ ଏନ୍‌ଏସିର ପୂର୍ବତନ କାଉନ୍‌ସିଲର ତଥା ଯୁବ ବିଜେଡି ସଭାପତି ଶିବଶଙ୍କର ଜେନାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଏକାଦଶାହ ଉପଲକ୍ଷେ ଆଠଗଡ ମହିଳା ମହାବିଦ୍ୟାଳୟ ସମ୍ମୁଖ ମିନାବଜାର ପଡ଼ିଆରେ ବିଜେଡି ପକ୍ଷରୁ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଆଠଗଡ ସହରସ୍ଥିତ ଅଙ୍ଗାଳୀ ଜଗନ୍ନାଥ ମନ୍ଦିର ନିକଟରୁ ଏକ ମହମବତୀ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚି ଥିଲା। ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି ଏଥିରେ ସଂଯୋଜନା କରିଥିଲେ। ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏନ୍‌ଏସି ଅଧ୍ୟକ୍ଷା ସସ୍ମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାସରସିକପୁର ଗ୍ରାମର ସଭାପତି ମିହିର କୁମାର ତ୍ରିପାଠୀ, ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ, ଖବରଦାତା ସନାତନ ରାୟ, ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ପୂର୍ବତନ ସଭାପତି ବିନୟ ଶୁକ୍ଳା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁଚିତ୍ରା ସାହୁ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ରମେଶ ଘଡ଼େଇ, ନିରୂପମା ଭଞ୍ଜ, ରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସଭ୍ୟା ଶାନ୍ତିଲତା ବେହେରା ପ୍ରମୁଖ ଯୋଗଦେଇ ଶିବଶଙ୍କରଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭୂତକୋଠି ପାଲଟିଛି ରାଜୀବ ଗାନ୍ଧୀ ସେବାକେନ୍ଦ୍ର

ରଘୁନାଥପୁର,୧୯।୩(ରାଜେନ୍ଦ୍ର ନାରାୟଣ ସିଂହ)

**ରଘୁନାଥପୁର ପଞ୍ଚାୟତ**

■ ନିର୍ମାଣ କାର୍ଯ୍ୟ ଶେଷହେବା ପରଠୁ ବ୍ୟବହାରରେ ଲାଗିନି
■ ସେବାକେନ୍ଦ୍ର ସମ୍ମୁଖରେ ପଡ଼ିରହିଛି ଅଳିଆ ଆବର୍ଜନା
■ ମରାମତି ନାଁରେ ଅର୍ଥ ଲୁଟ୍



ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମୁଖରେ ପଡିଥିବା ଅଳିଆ ଆବର୍ଜନା।

ରଘୁନାଥପୁର ବ୍ଲକ ଠାରୁ ମାତ୍ର ୪ଶହ ମିଟର ଦୂର କଟକ-ପାରାଦୀପ ରାସ୍ତାର ବଜାର ପଛପାର୍ଶ୍ୱରେ ରହିଛି ରଘୁନାଥପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର। ଏହା ଏବେ ଭୂତକୋଠି ପାଲଟିଛି। ନିର୍ମାଣ କାର୍ଯ୍ୟ ଶେଷ ହେବା ପରଠୁ ଦିନକ ପାଇଁ ଏହାକୁ ବ୍ୟବହାର କରାଯାଇନାହିଁ। ଅପରପକ୍ଷେ ମରାମତି ପାଇଁ ଆସିଥିବା ଅନୁଦାନ ଟଙ୍କାକୁ ଲୁଟ୍ କରାଯାଇଥିବା ନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହାଛଡ଼ା ସମ୍ମୁଖରେ କୁଢ଼କଢ଼ ଅଳିଆ ପଡ଼ିରହିଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି।

ଗତ ଦଶବର୍ଷ ତଳେ ବଜାର ପଛ ପାର୍ଶ୍ୱ ଏକ ପରିତ୍ୟକ୍ତ ସ୍ଥାନରେ ଅଟକଳ ମୂଲ୍ୟ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ଉକ୍ତ ସେବାକେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ରାସ୍ତା ଓ ବାଲି ଫିଲିଂ ପାଇଁ ୨୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଗତ ୨୦୧୭ରେ ତତ୍କାଳୀନ ସରପଞ୍ଚ ପ୍ରମୋଦ କୁମାର ଜେନା କୌଣସି କାରଣରୁ ଉକ୍ତ ସେବାକେନ୍ଦ୍ରକୁ ପଞ୍ଚାୟତ ଅଧୀନକୁ ଆଣିବା ପାଇଁ ମନା କରିଦେଇଥିଲେ। ଏହାପରେ ଦିନଟିଏ ଜନସାଧାରଣଙ୍କ ସେବାରେ ଏହା ଲାଗିପାରି ନାହିଁ। ଏହାପରେ ସେବାକେନ୍ଦ୍ରର ମରାମତି ପାଇଁ ଆସିଥିବା ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନକୁ ଠିକାଦାର ଓ ଯନ୍ତ୍ରୀ ଚଲୁ କରିଦେଇଥିବା ନେଇ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସରକାରଙ୍କ ଯୋଜନା ଏଠି ଫେଲ ମାରିଥିବା ଏବଂ ଲକ୍ଷାଧିକ ଟଙ୍କା ପାଣିରେ ପଡିଥିବା କହି ସ୍ଥାନୀୟ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସେବାକେନ୍ଦ୍ର ସମ୍ମୁଖରେ ଜଳଖିଆ ଓ ପାନ ଦୋକାନ ରହିଛି। ଉକ୍ତ ଦୋକାନୀମାନେ ଦୋକାନରୁ ବାହାରୁଥିବା ଅଇଁଠା ପତ୍ରଠୋଲା, ପଲିଥିନ ଓ ପ୍ଲାଷ୍ଟିକ ବୋତଲ ସେଠାରେ ପକେଇ ଦେଉଛନ୍ତି। ଫଳରେ ପରିବେଶ ଦୂଷିତ ହୋଇଯାଇଛି। ନିକଟରେ ଏକ ଡ୍ରେନ ଥିବାରୁ ଏହାର ଚର୍ତ୍ତୁଃପାର୍ଶ୍ୱ ଲୋକଙ୍କ ଶୌଚ ସ୍ଥାନ ପାଲଟିଯାଇଛି। ବର୍ଷାଦିନେ ଉକ୍ତ ସ୍ଥାନର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଉଛି। ଏଭଳି ପରିତ୍ୟକ୍ତ ସ୍ଥାନରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ନେଇ ଜାଗା ଚିହ୍ନଟ ଓ ଅନୁମତି ଦେଲା କିଏ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଏଠାରେ କେନ୍ଦ୍ର ନିର୍ମାଣ ହେଲା ତା'ହାଲେ ଏହାକୁ ଲୋକଙ୍କ ସେବାରେ ଉପଲବ୍ଧ ପାଇଁ କାହିଁକି ଆବଶ୍ୟକ ପଦକ୍ଷେପ ନିଆଗଲା ନାହଁ ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ଉକ୍ତ ସେବାକେନ୍ଦ୍ରକୁ ଜନତାଙ୍କ ସେବାରେ ଲଗାଇବା ସହ ଏହାର ଟିକିନିଖି ଖର୍ଚ୍ଚର ହିସାବକୁ ତଦନ୍ତ କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ ଉଠାଇ ନ ଥିଲେ। ଏ ପ୍ରସଙ୍ଗରେ ଏବିଡିଓ ଜ୍ଞାନଦା ନାୟକଙ୍କୁ ପଚାରିବାରୁ ସ୍ଥିତି କ'ଣ ଅଛି ସେ ସମ୍ପର୍କରେ ସେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା

ଅସ୍ତରଙ୍ଗ,୧୯।୩(ମମତା ଜେନା):

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ବାଲିଡିଆ ଗ୍ରାମରେ ଯୌତୁକ ନିର୍ଯାତନା ଦେଇ ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମୃତା ହେଲେ ବୁବୁନା ବେହେରାଙ୍କ ସ୍ତ୍ରୀ ଚିକି ପରିଡ଼ା(୨୪)। ଏନେଇ ପୋଲିସ ନଂ.୬୧/୨୪ରେ ଏକ ମାମଲା ରୁଜୁକରି ମହିଳାଙ୍କ ଦେଢ଼ଶୁର, ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସୂଚନା ମୁତାବକ, ଚିକି ଏବଂ ବୁବୁନା ପରସ୍ପର ଭଲ ପାଇ କିଛିଦିନ ତଳେ ବିବାହ କରିଥିଲେ। କିନ୍ତୁ ମଙ୍ଗଳବାର ଚିକିଙ୍କ ମୃତ୍ୟୁ ଖବର ପାଇ ତାଙ୍କ ବାପା ରାମଚନ୍ଦ୍ର ପରିଡ଼ା ଅସ୍ତରଙ୍ଗ ଥାନାରେ ଯୌତୁକଜନିକ ନିର୍ଯାତନା କାରଣରୁ ଝିଅର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ପୋଲିସ ଟିମ୍ ପହଞ୍ଚି ତଦନ୍ତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଅଫିସର ଆଦିତ୍ୟ ରଞ୍ଜନ ନାୟକ, ସାଇଣ୍ଟିଫିକ୍ କର୍ମଚାରୀ ବନମାଳୀ ମୁଦୁଲି ତଦନ୍ତ କରିଥିଲେ।

### ୭୫ ଗୋରୁ ଉଦ୍ଧାର କଲା ପୋଲିସ

ଚାରିଛକ,୧୯।୩(ଶିଶିର ସ୍ୱାଇଁ):

ଚାରିଛକ ଥାନା ଅଧୀନ ତୁଳସୀପୁର ପଞ୍ଚାୟତ କୁସୁମା ଠେଙ୍ଗ ମୁସଲମାନ ବସ୍ତିରୁ ପୋଲିସ ୭୫ ଗୋରୁ ଉଦ୍ଧାର କରିଛି। ସେଥିରେ ୫୦ରୁ ଉର୍ଦ୍ଧ୍ୱ ବାଛୁରୀ ଥିବା ସୂଚନା ମିଳିଛି। ଏନେଇ ପୋଲିସ ୩୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସମସ୍ତ ଗୋରୁଙ୍କୁ ଗୋଶାଳାରେ ଛଡ଼ାଯାଇଛି। ବିଶେଷ ସୂତ୍ରରୁ ପୋଲିସ ଖବରପାଇ ପୋଲିସ ଉକ୍ତ ବସ୍ତିରେ ପହଞ୍ଚିଥିଲା। ପୋଲିସକୁ ଦେଖି ଗୋରୁ ଚାଲାଣକାରୀ ସେଠାରୁ ଫେରାର ହୋଇଯାଇଥିଲେ। ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଓ ତାଙ୍କ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ଚାଚେରୀ ବେଶରେ ଦର୍ଶନ ଦେବେ ମହାପ୍ରଭୁ

ପୁରୀ,୧୯।୩( ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ଚାଚେରୀ ବେଶ ଅନ୍ୟତମ। ଫଗୁଦଶମୀଠାରୁ ରତ୍ନ ସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କ ମନୋରମ ଚାଚେରୀ ବେଶ ମଧ୍ୟାହ୍ନ ଧୂପ ପରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥାଏ। ଫାଲ୍‌ଗୁନମାସ ଶୁକ୍ଳପକ୍ଷ ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ୪ଦିନ ଧରି ପ୍ରତିଦିନ ମଧ୍ୟାହ୍ନ ଧୂପପରେ ଠାକୁରମାନଙ୍କ ଏହି ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ। ତେବେ ଚଳିତ ବର୍ଷ ତ୍ରୟୋଦଶୀ ମଳ ପଡୁଥିବାରୁ ଏକାଦଶୀଠାରୁ ମହାପ୍ରଭୁଙ୍କ ଚାଚେରୀ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଏହି ବେଶଟି ଆନନ୍ଦ ଉଲ୍ଲାସମୟ ଦୋଳଉତ୍ସବକାଳୀନ ବିଶେଷ ବେଶ । ବୁଧବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହେବ। ପରେ ସେବାୟତମାନେ ଶ୍ରୀବିଗ୍ରହମାନଙ୍କୁ ଚାଚେରୀ ବେଶରେ ସୁସଜ୍ଜିତ କରାଇବେ। ସାଧାରଣତଃ ଚାଚେରୀ ବେଶରେ ଠାକୁରମାନେ ଲାଲ୍ ବର୍ଣ୍ଣର ବସ୍ତ୍ର ପରିଧାନ କରିଥାନ୍ତି।

# ଶ୍ରୀମନ୍ଦିର ନାଟ ମଣ୍ଡପର ୯୦ ଭାଗ କାର୍ଯ୍ୟ ଶେଷ

ପୁରୀ,୧୯।୩( ଅଜିତ୍ ମହାନ୍ତି)



ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଏସ୍‌ଆଇ ପକ୍ଷରୁ କରାଯାଉଥିବା ଶ୍ରୀମନ୍ଦିର ନାଟମଣ୍ଡପରେ ଥିବା ବିମ୍‌ର ମରାମତି କାମ ଶେଷ ହୋଇଛି। ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟ ସରିବା ପାଇଁ କୋର୍ଟଙ୍କ ପକ୍ଷରୁ ଡେଡ୍ ଲାଇନ୍ ଜାରି ହୋଇଥିଲା। ତେବେ ବିମ୍ କାର୍ଯ୍ୟ ସମାପନ ହୋଇଛି। ପ୍ରାୟ ୯୦ ଶତକଡ଼ା କାର୍ଯ୍ୟ ଶେଷ ହୋଇଛି। ବାକି ଥିବା ଆଉ ୧୦% କାର୍ଯ୍ୟ ରଥଯାତ୍ରା ସମୟରେ କରାଯିବ ବୋଲି ଏଏସ୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏଏସ୍‌ଆଇ ପକ୍ଷରୁ କରାଯାଇଥିବା କାର୍ଯ୍ୟ ପରେ ଏବେ ଆଉ ଭକ୍ତଙ୍କ ପାଇଁ କୌଣସି ଅସୁବିଧା ନାହିଁ ବୋଲି ପ୍ରତ୍ନତତ୍ତ୍ୱ ବିଭାଗର ଓଡ଼ିଶା ପ୍ରମୁଖ ଡି. ବି. ଗଡ଼ନାୟକ କହିଛନ୍ତି। ଗରୁଡ଼ ସ୍ତମ୍ଭର ଉପର ଭାଗରେ ଥିବା ବିମ୍‌ରେ ଫାଟର ମରାମତି କରାଯାଇଛି। ସେହିପରି ପୂର୍ବ, ଉତ୍ତରପୂର୍ବ ଏବଂ ଦକ୍ଷିଣ ପଟେ ଅବସ୍ଥିତ ବିମ୍‌ରେ ଚାରୋଟି ଷ୍ଟିଲ ବିମ୍ ସ୍ଥାପନ କରାଯାଇଛି ବୋଲି ଗଡ଼ନାୟକ କହିଛନ୍ତି।

ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନଭେମ୍ବର ୧୬ ତାରିଖରୁ ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ମହାପ୍ରଭୁଙ୍କ ନୀତିକାନ୍ତି ଓ ଭକ୍ତ ପ୍ରବଳ ଗହଳି କାରଣରୁ କାର୍ଯ୍ୟରେ ଅହେତୁକ ବିଳମ୍ବ ହୋଇଥିଲା। ତେଣୁ ପରବର୍ତ୍ତୀ ସମୟରେ ଛତିଶା ନିଯୋଗ ବୈଠକ ବସି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ଓ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକରେ ଅନୁମତି ପରେ ଫେବୃଆରୀ ୨୩ ତାରିଖରୁ ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୧୨୦ଦିନ ମଧ୍ୟରେ କାର୍ଯ୍ୟ ସାରିବାକୁ ଥିବାରୁ ମାର୍ଚ୍ଚ ୧୯ସୁଦ୍ଧା ନାଟ ମଣ୍ଡପର ମରାମତି କାର୍ଯ୍ୟ ସାରିବାକୁ ଏଏସ୍‌ଆଇ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ଏଏସ୍‌ଆଇ ପକ୍ଷରୁ ଅପରାହ୍ନ ଗୋଟାଏରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କରାଯାଇଥିଲା।

# ସିଆରପିଏଫ୍‌ଙ୍କ ଫ୍ଲାଗ୍‌ମାର୍ଚ୍ଚ



ପୋଲିସ ଏବଂ ସିଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

ନିମାପଡା,୧୯।୩(ରଞ୍ଜନ ପଟ୍ଟନାୟକ):

ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ଏବଂ ଆଇଆଇସି ବାମଦେବ ସ୍ୱାଇଁଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ଏବଂ ସିଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ସିଆର୍‌ପିଏଫ୍‌ର ଏକ ସ୍ୱତନ୍ତ୍ର ବାଟାଲିୟନ ଏବଂ ନିମାପଡ଼ା ପୋଲିସ ପକ୍ଷରୁ ଜୟଶ୍ରୀ ଛକଠାରୁ ପାଟପୁର ଛକ ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରାଯାଇଛି। ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ସିଆର୍‌ପିଏଫ୍ ଯବାନ ମୁତୟନ ରହିବେ। ଆପରାଧିକ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ଫ୍ଲାଗ୍‌ମାର୍ଚ୍ଚ ଜରିଆରେ ଅସାମାଜିକଙ୍କୁ ବାର୍ତ୍ତା ଦିଆଯାଇଛି ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି। ନିର୍ବାଚନ ସମୟରେ ନାଗରିକଙ୍କ ସୁରକ୍ଷା ଆମର ଦାୟିତ୍ୱ, ସୁରକ୍ଷିତ ଭାବେ ଭୋଟରମାନେ କିଭଳି ମତଦାନ କରିପାରିବେ ଏବଂ ଶୃଙ୍ଖଳିତ, ଅବାଧ, ନିରପେକ୍ଷ ନିର୍ବାଚନ ପରିଚାଳନାକୁ ପ୍ରାଥମିକତା ଦିଆଯାଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି ବୋଲି ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ମତପ୍ରକାଶ କରିଛନ୍ତି।

# ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ 'ରାସ୍ତା' ମଞ୍ଚସ୍ଥ

ପୁରୀ,୧୯।୩(ଅଜିତ୍ ମହାନ୍ତି)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପକ୍ଷରୁ ଆୟୋଜିତ ଶ୍ରୀକ୍ଷେତ୍ର ନାଟକ ମହୋତ୍ସବ-୨୦୨୪ ଉଦ୍‌ଯାପିତ ହୋଇଯାଇଛି । ଅନ୍ତିମ ସନ୍ଧ୍ୟାର ନାଟକ 'ରାସ୍ତା' ମଞ୍ଚସ୍ଥ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ବଦ୍ରି ମିଶ୍ର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଧାରାବାହିକ ଅଭିନେତା ଗୋପବନ୍ଧୁ ପ୍ରତିହାରୀ, ବରିଷ୍ଠ ସେବକ ତଥା ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଶିବ ନାରାୟଣ ପୂଜାପଣ୍ଡା, ନାଟକ ଉତ୍ସବ କମିଟିର ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀଧର ପୂଜାପଣ୍ଡା ଏବଂ ନାଟ୍ୟକାର ଭରତ ନାୟକ ପ୍ରମୁଖ ଯୋଗ ଦେଇ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପରେ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପକ୍ଷରୁ ନାଟକ 'ରାସ୍ତା' ପରିବେଷଣ କରାଯାଇଥିଲା। ଯେଉଁଥିରେ ମାଓବାଦୀ ଚିନ୍ତାଧାରା ମରି ନାହିଁ, ଏବେ ବି ବଞ୍ଚିଛି। ମାଓ ସେତୁଙ୍ଗ, ଲେନିନ୍ ପ୍ରମୁଖ ମହାମନୀଷୀମାନେ ଏହି ଚିନ୍ତାଧାରାର ପ୍ରବର୍ତ୍ତକ ଥିଲେ। ସେମାନେ ସମାଜରେ ସମାନତା ଆଣିବା ପାଇଁ ଗରିବ, ଆଦିବାସୀ, ମୂଲିଆଙ୍କୁ ସମାଜର ସ୍ରୋତରେ ସମକକ୍ଷ କରାଇବା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କାହ୍ନୁ ସାନ୍ୟାଲ, ନାଗ ଭୂଷଣ ପଟ୍ଟନାୟକ ଏହି ଆନ୍ଦୋଳନକୁ କଳୁଷିତ କରିଦେଲେ। ଏପରି କିଛି ବାସ୍ତବ କଥାବସ୍ତୁକୁ ନେଇ ନାଟକ ରାସ୍ତା ମଞ୍ଚସ୍ଥ ହୋଇଥିଲା।



ନାଟ୍ୟଶାଳା ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ 'ରାସ୍ତା'ର ଏକ ଦୃଶ୍ୟ ।

### ସାପ କାମୁଡ଼ାରେ କଲେଜ ଛାତ୍ରୀ ମୃତ

ଗୋପ, ୧୯।୩(ଭାରତୀ ଭୂଷଣ ଉପାଧ୍ୟାୟ):

ସୋମବାର ରାତ୍ରରେ ଗୋପ ଥାନା ଅଧୀନ ବୀରତୁଙ୍ଗ ଗ୍ରାମର ଜଣେ କଲେଜ ଛାତ୍ରୀଙ୍କୁ ସାପ କାମୁଡ଼ିବାରୁ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମାମୁନି କାଣ୍ଡି (୧୮) । ଏ ସମ୍ପର୍କରେ କୌଣସି ଅଭିଯୋଗ ଆସି ନ ଥିବାବେଳେ ଅଭିଯୋଗ ଆସିଲେ ମକଦ୍ଦମା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି। ପ୍ରକାଶ ଯେ, କୋଣାର୍କ କଲେଜରେ ପଢୁଥିବା ଛାତ୍ରୀ ମାମୁନି ଘରେ ରୋଷେଇ କରିବାକୁ ବାଡ଼ି ପଛପଟେ ଥିବା ଘସି ଆଣୁଥିଲେ। ସେହି ସମୟରେ ସେଠାରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଏ ସମ୍ପର୍କରେ ଛାତ୍ରୀ ଜଣଙ୍କ ଘରେ କହିବା ପରେ ତାଙ୍କୁ ଗୋପ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ଭୁବନେଶ୍ୱର ୬ ନଂ. ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଏ ଘଟଣାରେ ବୀରତୁଙ୍ଗ ପଞ୍ଚାୟତ ସରପଞ୍ଚ ସୁଲୋଚନା ସେଠୀ ଉକ୍ତ ଦଳିତ ଗରିବ ପରିବାରକୁ ତୁରନ୍ତ କ୍ଷତିପୂରଣ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

### ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ

ଗୋପ,୧୯।୩(ଭାରତୀ ଭୂଷଣ ଉପାଧ୍ୟାୟ):

କୌଣସି ଘଟଣାକୁ ନେଇ ସୋମବାର ରାତି ୧୧ଟାରେ ଗୋପ ଥାନା ଅଧୀନ ତରଙ୍ଗିରା ଗ୍ରାମର ଶ୍ରୀମନ୍ତ ସ୍ୱାଇଁ (୪୧) ଗାଁ ନିକଟସ୍ଥ ଏକ ଅଶ୍ୱସ୍ଥ ଗଛରେ ଏକ ଦଉଡ଼ାରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ନେଇ ୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମଙ୍ଗଳବାର ଗୋପ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଯାଇବା ସହ ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୋମବାର ରାତିରେ ଗ୍ରାମର ବସନ୍ତ ସ୍ୱାଇଁଙ୍କ ମଝିଆ ପୁଅ ଶ୍ରୀମନ୍ତ ଅତ୍ୟଧିକ ମଦ୍ୟପାନ କରି ଗାଁରେ ବୁଲୁଥିଲେ। କିନ୍ତୁ ଅତ୍ୟଧିକ ନିଶାରେ ଆତ୍ମହତ୍ୟା କରିଥିବା ମୃତକଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ମୃତ୍ୟକ ଜଣଙ୍କ ଆତ୍ମହତ୍ୟା କରିଥିବା କେହି ଖବର ଦେବା ପରେ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ଶ୍ରୀମନ୍ତଙ୍କୁ ଗୋପ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଶ୍ରୀମନ୍ତଙ୍କୁ ମୃତ ଘୋଷଣା କରିଥିଲେ।

# ୪ ବର୍ଷ ହେଲା ସରୁନି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ

ଯୋଗେଶ୍ୱରପୁର,୧୯।୩(ରଶ୍ମିରଞ୍ଜନ ସାହୁ):



ଯୋଗେଶ୍ୱରପୁର ନିକଟସ୍ଥ ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତ ପାଇକସାହିଠାରେ ନିର୍ମାଣ ହେଉଥିବା ୫ ବଖରାବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଦୀର୍ଘ ୪ ବର୍ଷ ଧରି ଅଧାରେ ପଡ଼ିରହିଛି। ଫଳରେ ଅନାବନା ଗଛଲତା ମାଡ଼ି ଭୂତକୋଠି ପାଲଟିଛି। ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କମ୍ପ୍ଲେକ୍ସ ନିର୍ମାଣ କରାଯାଉଥିଲେ ମଧ୍ୟ ରାଜନୈତିକ ବିବାଦ ଯୋଗୁ କାର୍ଯ୍ୟ ବନ୍ଦ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସରପଞ୍ଚ କିଶୋର ସେଠୀଙ୍କୁ ପଚାରିବାରେ, ଏହା ତାଙ୍କ ସମୟର କାମ ନୁହଁ। ଏହି କାମ କାହିଁକି ବନ୍ଦ ରହିଛି ସେ ବିଷୟରେ ବ୍ଲକ ପ୍ରଶାସନ ଜାଣିଥିବେ ବୋଲି କହିଥିଲେ।

# ଶାନ୍ତିବଟ ଗୁରୁକୁଳ ଆଶ୍ରମର ବାର୍ଷିକ ଉତ୍ସବ ଉଦ୍‌ଯାପିତ

କୋଣାର୍କ,୧୯।୩(ଜ୍ୟୋତିରାଜ ମହାନ୍ତି):

କୋଣାର୍କ ସନ୍ନିକଟ ସଂସ୍କୃତି ସମ୍ପନ୍ନ ପଲ୍ଲୀ ବାମରା ଗ୍ରାମର ଶାନ୍ତିବଟ ଗୁରୁକୁଳ ଆଶ୍ରମର ଅଧିଷ୍ଠିତ ଦେବତା ପ୍ରଭୁ ସତ୍ୟନାରାୟଣଙ୍କ ପୀଠରେ ନବମ ବାର୍ଷିକ ଉତ୍ସବ ଓ ମହାଯଜ୍ଞ ସମ୍ପନ୍ନ ହୋଇଯାଇଛି। ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଆୟୋଜିତ ମହାଯଜ୍ଞରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାରିପ୍ରହର ନାମ ସଙ୍କୀର୍ତ୍ତନ, ଭଜନ ସନ୍ଧ୍ୟା, ପ୍ରବଚନ, ପାଲା, ଘୋଡ଼ା ନାଚ, ଓଡ଼ିଶୀ, ଗୋଟିପୁଅ ନୃତ୍ୟ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଆଶ୍ରମର ପ୍ରତିଷ୍ଠାତା ଗାୟକ ଓ କବି ମଙ୍ଗରାଜ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଆଧାତ୍ମିକ ସଭାରେ ଅଖଣ୍ଡ ପୁରୀ ଜିଲା ପାଲାଗାୟକ ପରିଷଦ ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମଙ୍ଗଳା କଲେଜ, କାକଟପୁର ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଧୀରଚନ୍ଦ୍ର ଭୂୟାଁ ଏବଂ ଅତିଥି ଭାବେ ଗାୟକ ଉପେନ୍ଦ୍ରନାଥ ବେହେରା, ଉପେନ୍ଦ୍ର ସ୍ୱାଇଁ, ତ୍ରିଲୋଚନ ନାୟକ, ରବିନାରାୟଣ ସାହୁ, ଶିକ୍ଷାବିତ୍ ଓ କବି ପ୍ରବୀଣ ସୁବୁଦ୍ଧି, ଅମରେଶ୍ୱର କାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। 'ଜନନୀ ହିଁ ସ୍ୱର୍ଗଠୁ ଗରୀୟସୀ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ପ୍ରବକ୍ତା ବସନ୍ତ ମଙ୍ଗରାଜ, ଗାୟିକା ସଂଘମିତ୍ରା ବରାଳ ଓ ମହାବୀର ଭଜନ ଧାରା, କୋଣାର୍କ କଳା ପରିବେଷଣରେ ଶହ ଶହ ଦର୍ଶକ ବିଭୋର ହୋଇ ଉଠିଥିଲେ। ଉତ୍ସବର ପ୍ରମୁଖ ପରିଚାଳକ ଆଶ୍ରମ ପ୍ରତିଷ୍ଠାତା ମଙ୍ଗରାଜ ବିଶ୍ୱାଳଙ୍କ ପରିଚାଳନାରେ ଦେବେନ୍ଦ୍ର ବିଶ୍ୱାଳ, ଅଭୟ ବିଶ୍ୱାଳ, ଦେବରାଜ ବିଶ୍ୱାଳ, ସୁକାନ୍ତ ବିଶ୍ୱାଳ, ବିଜୟ ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ, ବାବୁଲି ବିଶ୍ୱାଳ, ଲିଙ୍ଗରାଜ ଭୂୟାଁ, ଲକ୍ଷ୍ମୀଧର ବିଶ୍ୱାଳ, ଧନେଶ୍ୱର ବିଶ୍ୱାଳ, ବସନ୍ତ ବିଶ୍ୱାଳ, ଶଙ୍କର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକ ମହୋତ୍ସବର ଉଦ୍‌ଯାପନୀ ଅବସରରେ ଅତିଥିବୃନ୍ଦ ।

# ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

କଟକ,୧୯।୩ (କାର୍ତ୍ତିକ ସାହୁ)

**ପୁରୀ ବଳିଆପଣ୍ଡା ଭୂତଳ ଜଳ ପ୍ରଦୂଷଣ ମାମଲା**

ପୁରୀ ବଳିଆପଣ୍ଡା ଅଞ୍ଚଳରେ ଭୂତଳ ଜଳ ପ୍ରଦୂଷଣ ମାମଲାର ଶୁଣାଣି କରି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପୁରୀ ପୌରପାଳିକାଠାରୁ ଜବାବ ତଲବ କରିଛନ୍ତି। ବଳିଆପଣ୍ଡା ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କ ସମସ୍ୟାର ସମାଧାନ ନିମନ୍ତେ ଜରୁରୀକାଳୀନ ଭିତ୍ତିରେ କ'ଣ ପଦକ୍ଷେପ ନିଆଯାଇଛି ଜଣାଇବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ବଳିଆପଣ୍ଡାଠାରେ ଏକ ବଡ଼ ଡମ୍ପିଂୟାର୍ଡ ରହିଛି। ପୁରୀ ସହରର ବିଭିନ୍ନ ସ୍ଥାନରୁ ଆସୁଥିବା ଆବର୍ଜନାକୁ ଏଠାରେ ପକାଇ ରଖାଯାଉଛି। ଆବର୍ଜନାଗୁଡ଼ିକୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ନିଆ ନ ଯାଇ ସେହିଠାରେ ହିଁ ପୋଡ଼ି ଦିଆଯାଉଛି। ଏହାଦ୍ୱାରା ଜଳ ଓ ବାୟୁ ପ୍ରଦୂଷିତ ହେଉଛି। ଏଠାରେ ବାସ କରୁଥିବା ୪୦୦୦ରୁ ଅଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଲାଗି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା ନାହିଁ। ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ନ ହେବା ଓ ଆବଶ୍ୟକ ଡ୍ରେନେଜ ବ୍ୟବସ୍ଥା ନ ରହିବା କାରଣରୁ ସମ୍ପୃକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏସବୁ ସମସ୍ୟାକୁ ନେଇ ପୁରୀର ସାମାଜିକ କର୍ମୀ ଚିନ୍ମୟ ଦାସ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟି ଏହି ମାମଲାର ଶୁଣାଣି କରି ଉକ୍ତ ଡମ୍ପିଂୟାର୍ଡ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯିବା ଓ ୨୦୨୪ ଶେଷ ସୁଦ୍ଧା ଡମ୍ପିଂୟାର୍ଡ ଖାଲି କରିବାକୁ ପୁରୀ ପୌରପାଳିକା ଏବଂ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମ୍ପୃକ୍ତ ଅଞ୍ଚଳରେ ଭୂତଳ ଜଳର ମାନ ପରୀକ୍ଷା ଲାଗି ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଥିଲା। କେନ୍ଦ୍ରୀୟ ଟିମ୍ ବଳିଆପଣ୍ଡା ଅଞ୍ଚଳର ୨୯ଟି ସ୍ଥାନରୁ ଭୂତଳ ଜଳ ନମୁନା ପରୀକ୍ଷା ପାଇଁ ନେଇଥିଲେ। ନମୁନାଗୁଡ଼ିକର ପରୀକ୍ଷଣ ପରେ ଏହା ପାନୀୟ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଜଣାପଡ଼ିଥିଲା। ଜିଲା ପ୍ରଶାସନ ଓ ପୁରୀ ପୌରପାଳିକା ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଅଫ୍‌ରାଜ ସୁହେଇଲ ମାମଲା ପରିଚାଳନା କରୁଛନ୍ତି।

# ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟକ୍ରମ

ପୁରୀ,୧୯।୩( ଅଜିତ୍ ମହାନ୍ତି)

**ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ**

ଜିଲାସ୍ତରୀୟ ୮୯ତମ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ ମଙ୍ଗଳବାର ପୂର୍ବାହ୍ନରେ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ଓଡ଼ିଶା ଦିବସ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ଦିବସ ବୋଲି କହିଥିଲେ। ଏହାକୁ ପ୍ରତିବର୍ଷ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଥିବାବେଳେ ଚଳିତ ବର୍ଷ ଏହି ସମୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି କହିଥିଲେ। ତେବେ ଏପ୍ରିଲ ୧ତାରିଖ ପ୍ରାତଃ ୫ଘଟିକା ସମୟରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରାତଃ ବନ୍ଦନା ପରିବେଷଣ କରାଯିବ। ପୌରପାଳିକା ଓ ସଦର ବ୍ଲକ ପକ୍ଷରୁ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଓଡ଼ିଶା ଦିବସ ଅବସରରେ ବିଭିନ୍ନ ସରକାରୀ ବେସରକାରୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ କାର୍ଯ୍ୟାଳୟ, ବ୍ୟାଙ୍କ ଇତ୍ୟାଦି କାର୍ଯ୍ୟାଳୟଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରିବା, ସ୍ୱାଗତ ତୋରଣ ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜନ କରାଯାଇ ଓଡ଼ିଶା ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଆଇନଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ,ଅଗ୍ନିଶମ ସେବା ଓ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗକୁ ଅନୁରୋଧ କରାଯାଇଛି। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ ବିରଜା ଶଙ୍କର ରଥ, ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରର ଅଧ୍ୟକ୍ଷ ଅରୁଣ କୁମାର ଦାସ, ଡେପୁଟି କଲେକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତିଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୨ କିରାଣିଙ୍କୁ ଜେରା, ପୂର୍ବତନ କଲେଜ ଅଧ୍ୟକ୍ଷଙ୍କୁ ନୋଟିସ

ଖୋର୍ଦ୍ଧା,୧୯।୩(ପ୍ରଭାତ ପାଣିଗ୍ରାହୀ):

**ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବେଆଇନ ଭାବେ ନାମଲେଖା ପ୍ରସଙ୍ଗ**

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ନକଲି ସାର୍ଟିଫିକେଟ ଦେଇ ଡାକ୍ତରୀ ପାଠ ପଢୁଥିବା ଘଟଣାରେ କଲେଜର ୨ଜଣ କିରାଣି ତାରାପ୍ରସାଦ ମହାପାତ୍ର ଏବଂ ବସନ୍ତ ସାମନ୍ତରାୟଙ୍କୁ ରାଜ୍ୟ ଆୟୁଷ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ନିକଟରେ ଜେରା କରିଛି। ଉଭୟ ତାରା ଓ ବସନ୍ତ ନିଜ ପକ୍ଷ ରଖିଛନ୍ତି। ତେବେ ବସନ୍ତ ଦାଖଲ କରିଥିବା ରିପୋର୍ଟରେ ଆୟୁଷ ନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଥିବାବେଳେ ତାଙ୍କୁ ପୁଣିଥରେ ନିଜ ପକ୍ଷ ରଖିବାକୁ ସମୟ ଦେଇଛନ୍ତି। ଖୁବ୍‌ଶୀଘ୍ର ପୂର୍ବତନ କଲେଜ ଅଧ୍ୟକ୍ଷ ସୁଦର୍ଶନ ବେହେରା ଜେରାର ସମ୍ମୁଖୀନ ହେବେ। ଏନେଇ ତାଙ୍କୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ନକଲି ସାର୍ଟିଫିକେଟ ଦେଇ ଡାକ୍ତରୀ ପାଠ ପଢୁଥିବା ନେଇ 'ଧରିତ୍ରୀ'ରେ ବିଭିନ୍ନ ତଥ୍ୟ ସମ୍ବଳିତ ଖବର ପ୍ରକାଶ ପରେ ଆୟୁଷ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ୨୦୨୩ ମେ' ୫ତାରିଖରେ ଆୟୁଷ ବିଭାଗର ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ର ଉକ୍ତ କଲେଜରେ ସରଜମିନ ତଦନ୍ତ କରି ତଥ୍ୟ ସମ୍ବଳିତ ରିପୋର୍ଟ ଆୟୁଷ ବିଭାଗ ନିକଟରେ ଦାଖଲ କରିଥିଲେ। ସେ ଏହି ରିପୋର୍ଟରେ ନାମଲେଖା କେଲେଙ୍କାରି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହାସତ୍ତ୍ୱେ ବେଆଇନ ନାମଲେଖା ପଛର ସମ୍ପୃକ୍ତ ବିଭାଗୀୟ ଅଧିକାରୀ, କଲେଜର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସେମାନଙ୍କୁ ଅନୁକମ୍ପା ଦେଖାଯାଉଛି। ଶରତ ଦାଖଲ କରିଥିବା ରିପୋର୍ଟରେ ନାମଲେଖା ସମ୍ପୂର୍ଣ୍ଣଭାବେ ବେଆଇନ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିବାବେଳେ ଆୟୁଷ ବିଭାଗ କାହା ଚାପରେ ଏବଂ କାହିଁକି କାର୍ଯ୍ୟାନୁଷ୍ଠାନରେ ପଛଘୁଞ୍ଚା ଦେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଥାଉ କି, ୨୦୨୦-୨୧ ଶିକ୍ଷାବର୍ଷ ବ୍ୟାଚରେ ବେଆଇନଭାବେ ପାଠପଢ଼ା ସୁଯୋଗ ଦିଆଯିବା ସହ ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍ୟାଙ୍କ କାର୍ଡ ଏବଂ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଲିଭିଂ ସାର୍ଟିଫିକେଟ(ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଜଣେ ଅଭିଯୋଗକାରୀ ଆୟୁଷ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୬-୧୭ ଏବଂ ୨୦୧୭-୧୮ ବ୍ୟାଚ୍‌ରେ ମଧ୍ୟ ଅନୁରୂପ ଭାବେ ୩ଜଣ ବିନା ଏନ୍‌ଇଇଟି ର୍ୟାଙ୍କ ଏବଂ ଓଜେଇ ଆଲର୍ଟ ନମ୍ବରରେ ନାମ ଲେଖାଇଥିବା ନେଇ ଜଣାପଡ଼ିଥିଲା। ତେବେ ଏହି ବେଆଇନ ନାମଲେଖା ପଛରେ କଲେଜଠାରୁ ଉପରସ୍ତର ପର୍ଯ୍ୟନ୍ତ ଏକାଧିକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆୟୁଷ ନିର୍ଦ୍ଦେଶକ ପ୍ରେମଜିତ ନାୟକ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ଆହତ ରାଜସ୍ୱ ନିରୀକ୍ଷକଙ୍କ ମୃତ୍ୟୁ

**ନିରାକାରପୁର, ୧୯।୩(ମାନସ ଚନ୍ଦ୍ର ପଟ୍ଟନାୟକ):** ଦୁର୍ଘଟଣାରେ ଆହତ ହୋଇଥିବା ଖୋର୍ଦ୍ଧା ଜିଲା ନିରାକାରପୁର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ପ୍ରଶାନ୍ତ କୁମାର ଷଡ଼ଙ୍ଗୀଙ୍କ ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ନିର୍ବାଚନ ପ୍ରଶିକ୍ଷଣ କାମ ସରିବା ପରେ ରାତି ପ୍ରାୟ ୧୦ଟାରେ ପ୍ରଶାନ୍ତ ନାଚୁଣୀ ଅଞ୍ଚଳରେ ଥିବା ନିଜ ଘରକୁ ବାଇକ୍‌ରେ ଯାଉଥିଲେ। ୧୬ ନମ୍ବର ଜାତୀୟ ରାଜପଥର ବଡ଼ପୋଖରିଆ ଓଭରବ୍ରିଜ୍‌ରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପିଚୁକୁଲି ବଜାରରେ ଅସାମାଜିକ ଯୁବକଙ୍କ ଉତ୍ପାତ

**ବୋଲଗଡ଼, ୧୯।୩(ଦେବବ୍ରତ ହୋତା):** ବୋଲଗଡ ବ୍ଲକ ତଥା ବେଗୁନିଆ ଥାନା ଅଧୀନ ପିଚୁକୁଲି ବଜାରରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ବଜାରରେ ଥିବା କେତେଜଣ ଗ୍ରାହକ, ପଥଚାରୀ ଓ ମହିଳାଙ୍କୁ ଆକ୍ରମଣ ଓ ଅଶାଳୀନ ବ୍ୟବହାର କରାଯାଇଥିବା ନେଇ ମଙ୍ଗଳବାର ବଜାର କମିଟିର ଶତାଧିକ ବ୍ୟବସାୟୀ ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି। ମଧ୍ୟାହ୍ନରେ ପିଚୁକୁଲି ଅଞ୍ଚଳର ୩ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ବଜାରରେ ଠେଙ୍ଗା ଓ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିଥିଲେ। ଏପରିକି ଗ୍ରାହକ ଓ ଅନ୍ୟମାନଙ୍କୁ ଗାଳିଗୁଲଜ କରିଥିଲେ। ସମ୍ପୃକ୍ତ ଅସାମାଜିକଙ୍କ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

### ମାଲୁଦରେ ନାଟକ ମଞ୍ଚସ୍ଥ

**କୃଷ୍ଣପ୍ରସାଦ, ୧୯।୩(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚାୟତର ବାଲିସାହି ଓ ଜଗତିସାହି ଗ୍ରାମବାସୀଙ୍କ ସହଯୋଗରେ ବୁଢ଼ୀ ମା' ନାଟ୍ୟ ସଂସଦ ଆନୁକୂଲ୍ୟରେ ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ଯୁବନେତା ଦୀପକ କୁମାର ଜେନା, ମାଲୁଦ ସରପଞ୍ଚ ଗୀତାଞ୍ଜଳି ଜେନା, ଯୁବନେତା ସଦାନନ୍ଦ ପ୍ରଧାନ, ସେକ୍ ନବିଙ୍କ ସମେତ ବହୁ ଅତିଥି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାଟ୍ୟ ସଂସଦ ସଭାପତି ରମେଶ ଚନ୍ଦ୍ର ନାୟକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଏହିଅବସରରେ ଦୁଇଟିସାମାଜିକ ନାଟକ 'କିଏ ପୋଛିଦେବ ଆଖିର ଲୁହ, ଜନମ ନେଇଛି କାନ୍ଦିବା ପାଇଁ' ବିଜୟ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ସଂସଦ ମ୍ୟାନେଜର କବିରାଜ ଦାସ, ଟୁନା ପାହାଣ ଉତ୍ସବ ପରିଚାଳନା କରିଥିବା ବେଳେ ଉପରୋକ୍ତ ଦୁଇ ଗ୍ରାମର କଳାକାରମାନେ ଅଭିନୟ କରିଥିଲେ।

# ପତିତ ଜଙ୍ଗଲ ଜମିକୁ ପ୍ଲଟିଂ କରି ବିକ୍ରି ପାଇଁ ମସୁଧା

**ବେଗୁନିଆ, ୧୯।୩(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଜମି ମାଫିଆଙ୍କ ରାଜୁତି ବଢ଼ିବାରେ ଲାଗିଛି। ଜାତି ପ୍ରମାଣପତ୍ରରେ ଚଞ୍ଚକତା ଓ ଜମିର କିସମ ପରିବର୍ତ୍ତନ କରି ବିକ୍ରି କରିଦେଉଥିବା ନଜିର ରହିଛି। ସେହିପରି ସରକାରୀ ଜଙ୍ଗଲ ଓ ପତିତ ଜମିକୁ ଜବରଦଖଲ କରି ପରେ ପ୍ଲଟିଂ କରି ବିକ୍ରି କରାଯାଉଛି। ଏଭଳି ଘଟଣା ସିକୋ ରାଜସ୍ୱ କାର୍ଯ୍ୟାଳୟ ଅଧୀନ ବେଲପଡ଼ା ମୌଜାରେ ଦେଖିବାକୁ ମିଳିଛି। ଉକ୍ତ ସରକାରୀ ଜମିକୁ ଜବରଦଖଲରୁ ମୁକ୍ତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି। ଏନେଇ ଆଞ୍ଚଳିକ ଉପ ନିର୍ଦ୍ଦେଶକ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ), ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଅରଣ୍ୟ ଭବନ ଭୁବନେଶ୍ୱର, ଖୋର୍ଦ୍ଧା ଜିଲାପାଳ, ବନଖଣ୍ଡ ଅଧିକାରୀ ଖୋର୍ଦ୍ଧା ଏବଂ ତହସିଲଦାର ବେଗୁନିଆଙ୍କ ନିକଟରେ ନୟାଗଡ଼ ଜିଲା ରଣପୁର ଥାନା ବଜ୍ରକୋଟ ଗ୍ରାମର ଦିଲୀପ କୁମାର ସାମନ୍ତରାୟ ଲିଖିତ ଅଭିଯୋଗ କରିଛନ୍ତି।



- ବେଲପଡ଼ା ମୌଜାରେ ଜମି ମାଫିଆଙ୍କ ରାଜୁତି
- ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ଅଭିଯୋଗ

ଅଭିଯୋଗ ମୁତାବକ, ବେଗୁନିଆ ତହସିଲ ସିକୋ ରାଜସ୍ୱ କାର୍ଯ୍ୟାଳୟ ଅଧୀନ ବେଲପଡ଼ା ମୌଜାରେ ଥିବା ଖାତା ନଂ. ୪୬୪, ପ୍ଲଟ୍ ନଂ.୧୦୫, ମାଲିକାନା ହେଉଛି ରକ୍ଷିତ ଏବଂ କିସମ ହେଉଛି ଜଙ୍ଗଲ ଜମି, ଏରିଆ ୦.୭୫୫ ଏକର। ସେହିପରି ଆଉ ଏକ ଜମିର ମାଲିକାନା ରକ୍ଷିତ, କିସମ ହେଉଛି ପତିତ,୧୦.୧୬୨ ଏକର ଏରିଆକୁ ନେଇ ପ୍ଲଟ୍ ନଂ. ହେଲା ୩୧, ଖାତା ନଂ.୪୬୩। ଉକ୍ତ ଦୁଇଟି ପ୍ଲଟ ହେଉଛି ସମ୍ପୂର୍ଣ୍ଣ ସରକାରୀ। ଏହି ପ୍ଲଟକୁ କେତେଜଣ ବ୍ୟକ୍ତି ବେଆଇନଭାବେ ଜବର ଦଖଲ କରିଚାଲିଛନ୍ତି। ବିନା ଅନୁମତିରେ ଉକ୍ତ ଜଙ୍ଗଲ ଜମିରୁ ଗଛ କାଟି ବିକ୍ରି କରିବା ସହ ମୋରମ ଖୋଳି ବିକ୍ରି କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ମଧ ରାଜସ୍ୱ ବିଭାଗ ଗୁରୁତ୍ୱ ଦେଇ ନ ଥିଲା। ଏପରିକି ଜବରଦଖଲ କରିଥିବା ଜମି ମାଫିଆମାନେ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରି ଏବେ ପ୍ଲଟିଂ କରି ବିକ୍ରି ପାଇଁ ମସୁଧା ଚଳାଇଛନ୍ତି। ଅନ୍ୟପକ୍ଷରେ ମୁଣ୍ଡରୁ ଦୋଷ ଖସାଇବାକୁ ଯାଇ ବିଭାଗୀୟ କର୍ମଚାରୀମାନେ ମିଥ୍ୟା ଓ ଫେବ୍ରିକେଟେଡ୍ ଦସ୍ତାବିଜ ପ୍ରସ୍ତୁତ କରି ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି, ଯାହା ତଦନ୍ତସାପେକ୍ଷ ବୋଲି ଅଭିଯୋଗପତ୍ରରେ ସାମନ୍ତରାୟ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବେଗୁନିଆ ତହସିଲଦାର ତାପସ ବିଶି କହିଛନ୍ତି, ଅଭିଯୋଗ ପାଇବା ପରେ ଉକ୍ତ ଜମିର କିସମ ଉପରେ ତଦନ୍ତ କରାଯାଉଛି। ଏହା ପରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯିବ।

# ଅଙ୍ଗନୱାଡି କେନ୍ଦ୍ରରେ ଅଙ୍କୁର ଦିବସ




**ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର ଅଙ୍ଗନୱାଡି କେନ୍ଦ୍ର-୧ର କର୍ମୀ ମିନତି ତ୍ରିପାଠୀ ଓ ପାଇକତିଗିରିଆ ଅଙ୍ଗନୱାଡି କେନ୍ଦ୍ର-୩ରେ କର୍ମୀ ଶୈଳବାଳା ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ ଅଙ୍କୁର ଦିବସ ପାଳିତ ହୋଇଯାଇଛି। ଏଥିରେ ଆଦ୍ୟ ଶୈଶବ୍ୟକାଳୀନ ଯତ୍ନ ଓ ଶିକ୍ଷା ତଥା ପିଲାମାନଙ୍କ ବିକାଶ ନିମନ୍ତେ ଜନ୍ମ ପରେ କିଭଳି ଲାଳନପାଳନ କରାଯିବ, ଯତ୍ନ ନିଆଯିବ, ଶିଶୁମାନଙ୍କୁ ପ୍ରାରମ୍ଭ ସ୍ତରରେ କେଉଁଭଳି ଶିକ୍ଷା ଯଥା-ଆକାର, ଆକୃତି, ରଙ୍ଗ ଅଲଗା ବାଛିବା, ବାର୍ତ୍ତାଳାପ ଆଦି ଯାହା ଆବଶ୍ୟକ, ତାହା ଉପରେ ଉପସ୍ଥିତ ଅଭିଭାବକ ଓ ମା'ମାନଙ୍କୁ ବୁଝାଯାଇଥିଲା। ସେହିପରି ଘରେ ପିଲାମାନଙ୍କର ପ୍ରତିଦିନ କେଉଁସବୁ ସମସ୍ୟା ରହୁଛି, ପ୍ରଥମ ବର୍ଷ ଓ ପରବର୍ତ୍ତୀ ସମୟରେ ଶିଶୁର ବିକାଶ ଉପରେ ତା'ର ନିରାକରଣ ଓ ଶିଶୁଙ୍କୁ କେଉଁଭଳି ବ୍ୟବହାର କରାଯିବ, ତାହା ଉପରେ ମଧ ଅଭିଭାବକଙ୍କୁ କୁହାଯାଇଥିଲା। ଏଥିରେ ସହାୟିକା ଲତା ବିଶ୍ୱାଳ, ବାସନ୍ତୀ ସାହୁ ଓ ଅନେକ ଅଭିଭାବକ ସହଯୋଗ କରିଥିଲେ।

# ହୋର୍ଡିଂ, ବ୍ୟାନର ଉଚ୍ଛେଦ ମନ୍ଥରତାକୁ ନେଇ ଅସନ୍ତୋଷ







**ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)**

ଆସନ୍ତା ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିସାରିଛନ୍ତି। ଏଥିସହ ଆଦର୍ଶ ଆଚରଣବିଧି(ଏମ୍‌ସିସି) ଲାଗୁ ହୋଇସାରିଛି। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ତେବେ ଏମ୍‌ସିସି ଲାଗୁହେବାର ୭୨ ଘଣ୍ଟା ପରେ ବି ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନରେ ହୋର୍ଡିଂ, ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ରାଜନୈତିକ ଦଳ ଏବଂ ପ୍ରାର୍ଥୀ ସୋସିଆଲ ମିଡିଆକୁ ଢାଲଭାବେ ବ୍ୟବହାର କରୁଛନ୍ତି। ବିଭାଗୀୟ କାର୍ଯ୍ୟାଳୟରେ ଲାଗିଥିବା ସରକାରୀ ବିଜ୍ଞାପନ ହୋର୍ଡିଂ ହଟାଯାଇଥିବା ବେଳେ ଜନଗହଳି ସ୍ଥାନରେ ଲାଗିଥିବା ବଡ଼ ବଡ଼ ହୋର୍ଡିଂକୁ ହଟାଚାଲିଛି। ପୌର ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ, ପଲା ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ, ମାରୱାଡି ପଟି, ମୁକୁନ୍ଦପ୍ରସାଦ, ନୟାଗଡ଼ ରୋଡ୍ ଆଦି ସ୍ଥାନରେ ଲାଗିଥିବା ହୋର୍ଡିଂ, ପୋଷ୍ଟର ହଟାଚାଲିଛି। ଏବେ ବି ବିଭିନ୍ନ ସାହି, ଗଳିକନ୍ଦିରେ ରାଜନୈତିକ ଦଳ ଓ ସରକାରୀ ବିଜ୍ଞାପନର ହୋର୍ଡିଂ ରହିଛି। ଏହାକୁ ତୁରନ୍ତ ହଟାଇବା କିମ୍ବା କପଡ଼ା ଢାଙ୍କିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଏଥିସହିତ ବିଭିନ୍ନ ସ୍ଥାନରେ କାନ୍ଥରେ ୱାଲପେଣ୍ଟିଂ, ସୋସିଆଲ ମିଡିଆରେ ଚାଲିଥିବା ପ୍ରଚାର ଉପରେ ରୋକ୍ ଲଗାଇବା ପାଇଁ ଦାବି ହୋଇଛି। ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ଏମ୍‌ସିସି ଲାଗୁ ହେବା ପରେ ସମସ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇଛି। ଆଦର୍ଶ ଆଚରଣ ବିଧି ଦୃଷ୍ଟିରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ସରକାରୀ ହୋର୍ଡିଂ, ପୋଷ୍ଟର ହଟାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସୋସିଆଲ ମିଡିଆ ଉପରେ ନଜର ରଖାଯାଉଛି। ସରକାରୀ ୱେବ୍‌ସାଇଟରୁ ଫଟୋ, ଚିହ୍ନ ହଟାଯାଇଛି। ଖୁବ୍‌ଶୀଘ୍ର ସମସ୍ତ ହୋର୍ଡିଂ ହଟାଯିବ। ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ରାଜନୈତିକ ଦଳ ସହ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି।

## ୨୪ରେ ଔପନ୍ୟାସିକ ପଦ୍ମଜ ପାଳଙ୍କ ୭୮ତମ ଜନ୍ମୋତ୍ସବ

**ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)**

ଆସନ୍ତା ୨୪ତାରିଖରେ ସ୍ଥାନୀୟ ଜୟୀ ରାଜଗୁରୁ ଭବନ ପରିସରରେ ଚର୍ଯ୍ୟାଯୁଧ ଫାଉଣ୍ଡେଶନ ପକ୍ଷରୁ ଔପନ୍ୟାସିକ ପଦ୍ମଜପାଳଙ୍କ ୭୮ତମ ଜନ୍ମ ଉତ୍ସବ ପାଳନ ହେବ। ଏଥିରେ ବିଶିଷ୍ଟ କଥାଶିଳ୍ପୀ କାଶୀନାଥ ନନ୍ଦୀଙ୍କୁ ପଦ୍ମଜ ସାହିତ୍ୟ ସମ୍ମାନ ସହ ୧୧ହଜାର ଟଙ୍କା ଅର୍ଥରାଶି, ଯୁବ କଥାକାର ତଥା ଗବେଷକ ବିଶ୍ୱନାଥ ସାହୁଙ୍କୁ ପଦ୍ମଜ ପ୍ରତୀକ ସମ୍ମାନ ସହ ୫ହଜାର ଟଙ୍କା ଏବଂ 'ଅରଣ୍ୟ ଯାତ୍ରୀ' ଜୀବନୀ ପୁସ୍ତକ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ତଥା ଅବସରପ୍ରାପ୍ତ ଭାରତୀୟ ବନ ସେବା ଅଧିକାରୀ ବିଜୟ କେତନ ପଟ୍ଟନାୟକଙ୍କୁ 'ଖୋର୍ଦ୍ଧା ସମ୍ପଦ ସମ୍ମାନ' ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ଆୟୋଜିତ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ଅଭିଷେକ ସିଂସାମନ୍ତ ଜଣାଇଛନ୍ତି।

# ଜରୁରୀ ସେବା ବିଭାଗ ସଜାଗ ରହିବାକୁ ନିର୍ଦ୍ଦେଶ

**ଖୋର୍ଦ୍ଧା, ୧୯।୩ (ପ୍ରଭାତ ପାଣିଗ୍ରାହୀ)**

କାଳବୈଶାଖୀ, ବର୍ଷା ନେଇ ଆଞ୍ଚଳିକ ପାଣିପାଗ ଦ୍ୱାରା ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହେବାପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାର ମୁକାବିଲା, ସୁପରିଚାଳନା ନିମନ୍ତେ ପ୍ରସ୍ତୁତ ରହିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ପାଣିପାଗ ସୂଚନା ଅନୁସାରେ, କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଏବଂ ଘଣ୍ଟା ପ୍ରତି ପବନ ବେଗ ୪୦ରୁ ୫୦ କିମି ରହିବା ସମ୍ଭାବନା ରହିଛି। ଏଥିଲାଗି ସଜାଗ ରହିବାକୁ ଜିଲାପାଳ କହିଥିଲେ। ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି। ଆବଶ୍ୟକ ସ୍ଥଳେ ତ୍ୱରିତ ସେବା ପାଇଁ ଅଗ୍ନିଶମ, ବିଦ୍ୟୁତ୍, ଆମ୍ବୁଲାନ୍ସ, ଭ୍ରାମ୍ୟମାଣ ମେଡିକାଲ ସେବା, ଡାକ୍ତରୀ ଟିମ୍ ଏବଂ ଟେଲି ଯୋଗାଯୋଗ ଆଦି ଅତ୍ୟାବଶ୍ୟକ ସେବା ପ୍ରଦାନକାରୀ ବିଭାଗ ପ୍ରସ୍ତୁତ ରହିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଆବଶ୍ୟକ ସହାୟତା, ଖାଦ୍ୟ ଯୋଗାଇ ଦିଆଯିବ। ଏ ଦିଗରେ ସ୍ଥାନୀୟସ୍ତରରେ ଲୋକଙ୍କୁ ସଚେତନ କରାଇବା ପାଇଁ ବିଡିଓ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ଭୁବନେଶ୍ୱର ମହାନଗର ନିଗମ ବସ୍ତି ବାସିନ୍ଦାଙ୍କୁ ଉପଯୁକ୍ତ ଥଇଥାନ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଡେପୁଟି କମିଶନରଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜରୁରିକାଳୀନ ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ସ୍ମୃତିଚାରଣ ସଭା

**ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ ତଳସାହି ସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ଖୋର୍ଦ୍ଧା କୃଷକ ଉତ୍ପାଦକ ସଙ୍ଗଠନର ପରିଚାଳିକା ବୀଣାପାଣି ତ୍ରୀପାଠୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ବୈକୁଣ୍ଠ ନାଥ ମହାପାତ୍ରଙ୍କ ପୌରୋହିତ୍ୟରେ ଆଇନଜୀବୀ ବସନ୍ତ ଦାସ ଓ ବିଭୁରେନ୍ଦ୍ର ବିଦ୍ୟାଧର, ଖୋର୍ଦ୍ଧା କୃଷକ ଉତ୍ପାଦକ ସଙ୍ଗଠନର ସଭାପତି ମଧୁସୂଦନ ଦାସ, ପରିଚାଳକ ମିହିର କୁମାର ବିଧାର, ଶ୍ରୁତି ତ୍ରିପାଠୀ, ନମିତା ତ୍ରିପାଠୀ, ନରେନ୍ଦ୍ର ପୃଷ୍ଟି, ସୁବାସ ପାତ୍ର, ବାଳାଜୀ ପାତ୍ର, ରାଧାକାନ୍ତ ରାୟ ସାମନ୍ତସିଂହାର, ସୁକାନ୍ତ ମଙ୍ଗରାଜ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# କାଳବୈଶାଖୀ: ଭୁଶୁଡ଼ିଲା ଘର କାନ୍ଥ



**କଳାପଥର, ୧୯।୩(ଗଙ୍ଗାଧର ସାହୁ)**

କାଳବୈଶାଖୀ ପ୍ରଭାବରେ ପବନ ସାଙ୍ଗକୁ ଲଗାଣ ବର୍ଷା ଜାରି ରହିଛି। ମଙ୍ଗଳବାର ଅପରାହ୍ଣରେ ବର୍ଷା ହେବାରୁ କଳାପଥରର କିଆପଲ୍ଲୀ ସାହିର ମହାବୀର ପ୍ରସାଦଙ୍କ ଘରର କାନ୍ଥ ଭୁଶୁଡି ପଡ଼ିଛି। ଫଳରେ ଉକ୍ତ ଘରେ ରହିବା ବିପଦପୂର୍ଣ୍ଣ ବୋଲି ମହାବୀର କହିଛନ୍ତି। ପରିବାର ଲୋକେ ମୁଣ୍ଡ ଗୁଞ୍ଜିବା ପାଇଁ ହଇରାଣ ହେଉଚନ୍ତି। ପ୍ରଶାସନ ପକ୍ଷରୁ ପାଲ ଓ ପକ୍କା ଘର ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ଜବରଦଖଲ ଉଚ୍ଛେଦ ନ ହେଲେ ପୁଣି ଅନଶନ

**କଳାପଥର, ୧୯।୩(ଗଙ୍ଗାଧର ସାହୁ)**

ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମରୁ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗତ ଫେବୃଆରୀ ୨୬ରେ ଗ୍ରାମବାସୀ ଧାରଣା ଦେଇଥିଲେ। ଖବରପାଇ ଉପଜିଲାପାଳ, ଉପ ଆରକ୍ଷୀ ଅଧୀକ୍ଷକ, ବିଧାୟକ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଜବରଦଖଲ ଉଚ୍ଛେଦ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲାନାହିଁ, ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗ୍ରାମ ସଭା କରାଯିବା ସହ ଜବରଦଖଲମୁକ୍ତ ନ ହେବା ପର୍ଯ୍ୟନ୍ତ ଅନଶନ କରାଯିବା ସହ ଭୋଟ୍ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି। ସୂଚନାଥାଉ କି, ଉକ୍ତ ଅଞ୍ଚଳର ଶହ ଶହ ଏକର ଗୋଚର ଜମିକୁ ଜମିମାଫିଆ ଜବରଦଖଲ କରି ରଖିଛନ୍ତି।

# ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜ ବାର୍ଷିକ ଅଧିବେଶନ ଉଦ୍‌ଘାଟିତ

**ବୋଲଗଡ଼, ୧୯।୩(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ରଙ୍ଗଣୀସାହି ରଘୁନାଥ ପୀଠଠାରେ ରାଜ୍ୟ ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜର ବାର୍ଷିକ ଅଧିବେଶନ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ରାଜ୍ୟ ଶାକାହାରୀ ରଙ୍ଗଣି ସମାଜର ଶାଖା ପାତ ପଇତା ତିନିଶହ ଘରର ସଭାପତି ଡମ୍ବରୁଧର ଦାସଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଉଦ୍‌ଘାଟନୀ ଦିବସର ପ୍ରାରମ୍ଭରେ ବନ୍ଧୁ ସମାବେଶ, ପ୍ରାର୍ଥନା, ସାଇ ସଂଖୋଳା, ଛ'ଦେଶ ବଞ୍ଚାଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଏହି ବାର୍ଷିକ ଅଧିବେଶନରେ ବିଭିନ୍ନ ଜିଲାରୁ ଶତାଧିକ ରଙ୍ଗଣି ସମାଜ ଜାତିଭାଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶାକାହାରୀ ରଙ୍ଗଣି ସମାଜର ଶାଖା ପାତ ପଇତା ୩ଶହ ଘର ସମ୍ପାଦକ ରଞ୍ଜନ କୁମାର ସେନାପତି, ନେପାଳ ସାମନ୍ତରାୟ, ଅରୁଣ କୁମାର ସାହୁଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଏହି ଅବସରରେ ଶାକାହାରୀ ରଙ୍ଗଣି ସମାଜ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ବିକାଶ ପାଇଁ ମାନପତ୍ର ସହିତ ଅର୍ଥରାଶି ପ୍ରଦାନ କରାଯାଇଛି। ଶେଷରେ ପ୍ରସନ୍ନ କୁମାର ମହଲା ଧନ୍ୟବାଦ ଦେଇଥିଲେ।



ଉତ୍କଳ ରଙ୍ଗଣୀ ସମାଜର ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ସୁପର ଓଭରରେ ଜିତିଲା ମହାବୀର ୱାରିଅର



ମ୍ୟାଚ୍ ଆରମ୍ଭ ପୂର୍ବରୁ ଖେଳାଳିମାନେ।

**ବୋଲଗଡ଼, ୧୯।୩(ଦେବବ୍ରତ ହୋତା)**

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍**

ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ(ବିପିଏଲ)ର ଦଶମ ସଂସ୍କରଣର ତୃତୀୟ ଲିଗ ମ୍ୟାଚ୍ ଦୁଇ ଫ୍ରାଞ୍ଚାଇଜ ଟିମ୍ ରାନୀ ବ୍ଲାଷ୍ଟର ଓ ମହାବୀର ୱାରିଅର ମଧ୍ୟରେ ହୋଇଥିଲା। ଟସ୍ ଜିତି ରାନୀ ବ୍ଲାଷ୍ଟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୭ ଉଇକେଟ ବିନିମୟରେ ୬୬ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର ୱାରିଅର ଟିମ୍ ୮ଓଭରରେ ୮ଉଇକେଟ ବିନିମୟରେ ୬୬ରନ ସଂଗ୍ରହ କରିବା ଫଳରେ ମ୍ୟାଚ ଟାଏ ହୋଇଥିଲା। ଫଳରେ ସୁପର ଓଭର ଖେଳାଯାଇଥିଲା। ରାନୀ ବ୍ଲାଷ୍ଟର ଗୋଟିଏ ଓଭରରେ କୌଣସି ଉଇକେଟ ନ ହରାଇ ୩ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର ୱାରିଅର ଟିମ୍ ଗୋଟିଏ ଓଭରରେ ୧ଉଇକେଟ ବିନିମୟରେ ୪ରନ ସଂଗ୍ରହ କରି ମ୍ୟାଚ ଜିତି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ସୁଦର୍ଶନ ବାରିକ ଓ ଶାନ୍ତନୁ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ କମିଟିର ସଦସ୍ୟ ଗୁଡ୍ଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ପାଇକ ଫାଇଟର୍ସ ବିଜୟୀ

**ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ମା'ବଘେଇ କ୍ରିକେଟ ଖେଳପଡ଼ିଆରେ ସ୍ୱସ୍ତିକ କ୍ଲବ ଆନୁକୂଲ୍ୟରେ ଚାଲିଥିବା କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ପାଇକ ଫାଇଟର୍ସ ଓ ମା'ମଙ୍ଗଳା ଏକାଦଶ ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ପାଇକ ଫାଇଟର୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୮ଉଇକେଟ ବିନିମୟରେ ୧୩୨ରନ ସଂଗ୍ରହ କରିଥିଲା। ଜବାବରେ ମା'ମଙ୍ଗଳା ଏକାଦଶ ଟିମ୍ ୧୪.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୪ ରନ ସଂଗ୍ରହ କରିଥିଲା। ଫଳରେ ପାଇକ ଫାଇଟର୍ସ ଟିମ୍ ବିଜୟୀ ହୋଇଥିଲା। ପାଇକ ଫାଇଟର୍ସ ଟିମର ଅଶୋକ ସାମନ୍ତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଓ ଗୋପୀନାଥ ମାଝି ମ୍ୟାଚ୍ ପରିଚାଳନା କରିଥିଲେ। ଦିନେଶ ମହାରଥି ଓ ଦିଲ୍ଲୀପ କୁମାର ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ଲଳିତ ଭାରିମଲ୍ଲ, ଶୁଭ ପ୍ରସାଦ ରଣସିଂହ, ଭରତ ସିଂହ, ତପୁ ରଣସିଂହ, ଇଶ୍ୱର ପାଇକରାୟ, ଦିପୁ ଅରିସଲ, ରାଜେଶ ସୁବୁଦ୍ଧି, ଗୋପୀନାଥ ମହାରଥି, ଅଭିଷେକ ଛୋଟରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

